୬ ବାରବାଟୀ ଦିନିକିଆ : ଦର୍ଶକଙ୍କ ପାଇଁ ଧାର୍ଯ୍ୟ ହେଲା ଟିକେଟ୍‌ର ନୂଆ ଦର

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ ୨.୦୦ ଟଙ୍କା : 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨୯୧ ● ୨୦ ନଭେମ୍ବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-291 ● 20th November 2024, Wednesday ● Bhubaneswar | Licensed to post without pre-payment of postage No- BN-60/25-27

ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ନେଲେ ବଡ଼ ନିଷ୍ପତ୍ତି : ଅନ୍‌ଲାଇନରେ ଚାଲିବ କୋର୍ଟ

ନୂଆଦିଲ୍ଲୀ, ୧୯।୧୧

ଦିଲ୍ଲୀ-ଏନସିଆରରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନେଲେ ବଡ଼ ନିଷ୍ପତ୍ତି । ସବୁ କୋର୍ଟଙ୍କୁ ଯଥାସମ୍ଭବ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ସୁପ୍ରିମକୋର୍ଟ । ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହେବାକୁ ଆଇନଜୀବୀ ଏବଂ ଲୋକଙ୍କୁ ଅନୁମତି ଦେଇଛନ୍ତି । ଏନେଇ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ସୂଚନା ଦେଇଛନ୍ତି । ଯେତେବେଳେ କିଛି ବରିଷ୍ଠ ଆଇନଜୀବୀ ତାଙ୍କ ନିକଟକୁ ଆସି ଅନଲାଇନ ମୋଡରେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ, ଏହା ଉପରେ ବିଚାର କରି ସଞ୍ଜୀବ ଖାନ୍ନା ନିଷ୍ପତ୍ତି ନେଇଛନ୍ତି ।

ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ବେଞ୍ଚରେ ସଲିସିଟର ଜେନେରାଲ ତୁଷାର ମେହେଟା, ସୁପ୍ରିମକୋର୍ଟ ବାର୍ ଆସୋସିଏସନ ସଭାପତି କପିଲ ସିବଲ ଏବଂ ବରିଷ୍ଠ ଓକିଲ ଗୋପାଳ ଶଙ୍କରନାରାୟଣ ହାଜର ହୋଇଥିଲେ । ଦିଲ୍ଲୀ ଏନସିଆରରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସେ ସମସ୍ତ କୋର୍ଟର କାର୍ଯ୍ୟ ଅନଲାଇନ ମୋଡରେ କରିବାକୁ ଅନୁରୋଧ କରିଥିଲେ । ଏହା ଉପରେ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା କହିଛନ୍ତି ଯେ, ସୁପ୍ରିମକୋର୍ଟର ସମସ୍ତ ବିଚାରପତିଙ୍କୁ ଯଥାସମ୍ଭବ ଭର୍ଚୁଆଲ ଶୁଣାଣି କରିବାକୁ ସେ କହିଛନ୍ତି ।

ନାଗରିକଙ୍କୁ ପ୍ରଦୂଷଣମୁକ୍ତ ପରିବେଶ ଯୋଗାଇଦେବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏଥିସହ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର୍) ଅନ୍ତର୍ଗତ ସମସ୍ତ ରାଜ୍ୟରେ ଗ୍ରେଡେଡ ରେସ୍ପନ୍ସ ଆକ୍ସନ ପ୍ଲାନ (ଜିଆର୍‌ଏପି) ଚତୁର୍ଥ ପର୍ଯ୍ୟାୟ ତୁରନ୍ତ ଲାଗୁ କରିବା ପାଇଁ ସୋମବାର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । ଏପରିକି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆର୍) ୪୫୦ରୁ ତଳକୁ ଖସିଲେ ମଧ୍ୟ ଉକ୍ତ କଟକଣା ଜାରି ରହିବ । ନିର୍ଦ୍ଦେଶନାମା ଅନୁପାଳନ ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଜିଆର୍‌ଏପି ୪ ପର୍ଯ୍ୟାୟ କଟକଣା ଉଲ୍ଲଂଘନ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ କହିଛନ୍ତି । ସେହିପରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ପାଠପଢ଼ା ବନ୍ଦ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ଦିଲ୍ଲୀ-ଏନସିଆର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀରେ ବାୟୁ *(ପୃଷ୍ଠା ୭ରେ)*

ସିଙ୍ଗାପୁରରେ ମେଗା ରୋଡ୍ ଶୋ' ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କ ସହ ଆଲୋଚନା

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ଆନ୍ତର୍ଜାତୀୟ ସ୍ତରର ନିବେଶକମାନଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନକୁ ବଡ ସଫଳତା ମିଳିଛି । ଓଡ଼ିଶାରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆନ୍ତର୍ଜାତୀୟ ନିବେଶକ ଏବଂ ବିଶିଷ୍ଟ ଶିଳ୍ପପତିମାନଙ୍କ ସହ ଆଲୋଚନା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସିଙ୍ଗାପୁର ଗସ୍ତରେ ଅଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ତୃତୀୟ ଦିନରେ ମଙ୍ଗଳବାର ସିଙ୍ଗାପୁରଠାରେ ଏକ ବିଶାଳ ରୋଡ ଶୋର ଆୟୋଜନ କରାଯାଇଥିଲା । ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ରହିଥିବା ବିପୁଳ ସମ୍ଭାବନା ଓ ସୁଯୋଗ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ଓଡ଼ିଶାରେ ଶିଳ୍ପ ଓ ବ୍ୟବସାୟିକ କାରବାର ବଢାଇବା ପାଇଁ

ଆଲୋଚନା ବୈଠକରେ ପ୍ରତିନିଧିମାନଙ୍କ ସହ ମତ ବିନିମୟ ହୋଇଥିଲା । ଏସୀୟ ଦେଶଗୁଡିକର ଶିଳ୍ପପତି ଓ ପ୍ରତିନିଧିମାନେ ସେଥିରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶାରେ ପୁଞ୍ଜିନିବେଶ ବୃଦ୍ଧି ପାଇଲେ ପୂର୍ବାଞ୍ଚଳ ରାଜ୍ୟଗୁଡିକର ବିକାଶ ଘଟିବା ସହିତ ଦେଶର ଅଭିବୃଦ୍ଧିର ମଧ୍ୟ ଏହା ସହାୟକ ହେବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ବିକଶିତ ଓଡ଼ିଶା-ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ସାମିଲ ହେବା ନିମନ୍ତେ ଆନ୍ତର୍ଜାତିକ ନିବେଶକ ଓ ଶିଳ୍ପପତିମାନଙ୍କୁ ଆହ୍ୱାନ ଜଣାଇଥିଲେ ।

ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ ମଧ୍ୟ ଓଡ଼ିଶାକୁ ଏକ ସମୃଦ୍ଧ ଶିଳ୍ପୋନ୍ନତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ ।

ଆଲୋଚନା ବେଳେ ରାଜ୍ୟରେ ଥିବା ମୂଲ୍ୟବାନ ଖଣିଜ ଓ ପ୍ରାକୃତିକ ସମ୍ପଦ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଶ୍ରମଶକ୍ତି ପାଇଁ ଓଡ଼ିଶା ଏବେ ପୁଞ୍ଜିନିବେଶର ମୁଖ୍ୟ ଲକ୍ଷ୍ୟସ୍ଥଳ ପାଲଟିଛି । ବୈଠକରେ *(ପୃଷ୍ଠା ୭ରେ)*

ଭରତପୁର ଥାନା ମାମଲା: ଉଭୟ ପକ୍ଷଙ୍କୁ ପଚରାଉଚରା କଲେ ତଦନ୍ତ କମିଶନ

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନା ଘଟଣାର ତଦନ୍ତ କରୁଥିବା ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ମଙ୍ଗଳବାର ସ୍ପଟ ଭିଜିଟ୍ କରିବା ସହ ଉଭୟ ପକ୍ଷଙ୍କଠାରୁ ବୟାନ ଶୁଣିଛନ୍ତି । ପ୍ରଥମେ ସେନା ମେଜର ଓ ତାଙ୍କ ବାନ୍ଧବୀ କମିଶନଙ୍କ ଆଗରେ ବୟାନ ଦେବା ପରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ଅନ୍ୟ ୪ଜଣ ପୋଲିସ୍ କର୍ମଚାରୀ ମଧ୍ୟ ସେମାନଙ୍କର ପକ୍ଷ ରଖିଥିଲେ । ସେଦିନ ଭରତପୁର ଥାନାରେ ଯେଉଁ ଘଟଣା ଘଟିଥିଲା ଓ ଘଟଣା ନେଇ ଉଭୟ ପକ୍ଷ କମିଶନଙ୍କ ନିକଟରେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେ ସମ୍ପର୍କରେ ଉଭୟ ପକ୍ଷଙ୍କ ସହ କମିଶନ ଆଲୋଚନା କରିଛନ୍ତି । ସେଦିନ ରାତି ଥାନା ଭିତରେ କେଉଁ ଜାଗାରେ କଣ ଘଟିଥିଲା ସେନେଇ ଉଭୟ ପକ୍ଷ ସିନ ରିକ୍ରିଏଟ କରି ଜଷ୍ଟିସ ଦାଶଙ୍କୁ ଦେଖାଇବା ସହ ଘଟଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ, ଭରତପୁର ଥାନା ମାମଲାରେ ସରକାର ନୂଆ ପଦକ୍ଷେପ ନେଇଛନ୍ତି । ସେନା ସୁରକ୍ଷା ଅଧିକାରୀଙ୍କ ପାଇଁ ଥାନାରେ କିଭଳି ବ୍ୟବହାର କରାଯିବ ସେ ନେଇ ରାଜ୍ୟ ସରକାର ଜାରି କରିଛନ୍ତି ସ୍ୱତନ୍ତ୍ର ଏସ ଓ ପି । ଏନେଇ ଆଡଭୋକେଟ ଜେନେରାଲ କୋର୍ଟଙ୍କୁ ଜଣାଇଛନ୍ତି । ଏହାର ଏକ କପି ହାଇକୋର୍ଟ ଓ ଆମିକସ କ୍ୟୁରୀଙ୍କୁ ଦେବାକୁ କୋର୍ଟ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଦିଲ୍ଲୀରେ ହେବ କୃତ୍ରିମ ବର୍ଷା ! କେନ୍ଦ୍ରକୁ ଚିଠି ଲେଖିଲେ ପରିବେଶ ମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୧୧

ପ୍ରଦୂଷଣରେ ଆଉଟୁପାଉଟୁ ହେଉଛି ସମଗ୍ର ଉତ୍ତର ଭାରତ । ନିଃଶ୍ୱାସ ନେବା ଏଠି ମୁସ୍କିଲ ହୋଇପଡିଛି । ଧୂଳି ଆଉ ଧୂଆଁର ମୋଟା ଚାଦର ତଳେ ଢାଙ୍କି ହୋଇ ରହିଛି ଦିଲ୍ଲୀ । ଏଥିରେ ଆସୁନି କୌଣସି ସୁଧାର । ଦିନକୁ ଦିନ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ମଧ୍ୟ ନିଜ ହାତ ଟେକି ଦେଇଛନ୍ତି । ଏବେ କେବଳ କୃତ୍ରିମ ବର୍ଷା ଭରସା । ପ୍ରଦୂଷଣରୁ ମୁକ୍ତି ପାଇଁ କୃତ୍ରିମ ବର୍ଷା କରାଇବାକୁ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ରାୟ କହିଛନ୍ତି ଯେ ବର୍ତ୍ତମାନ କେବଳ କୃତ୍ରିମ ବର୍ଷା ଦ୍ୱାରା ରାଜଧାନୀରେ ପ୍ରଦୂଷଣ ସ୍ତର ଏବଂ ବାୟୁର ଗୁଣବତ୍ତାରେ ଉନ୍ନତ ଆସିପାରିବ । ଏନେଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖି

ଜଣାଇଛନ୍ତି ମନ୍ତ୍ରୀ ଶ୍ରୀ ରାୟ ।

ସମଗ୍ର ଉତ୍ତର ଭାରତ ଧୂଆଁର ଚାଦର ତଳେ ଢାଙ୍କି ହୋଇ ରହିଛି । ଏହି ଧୂଳି ଆଉ ଧୂଆଁରୁ ମୁକ୍ତି ପାଇବା ପାଇଁ ଏବେ ମାତ୍ର ଗୋଟିଏ ବିକଳ୍ପ ହେଉଛି କୃତ୍ରିମ ବର୍ଷା । ଏହା ଏକ ମେଡିକାଲ ଏମରଜେନ୍ସି ପରିସ୍ଥିତି ପ୍ରଦୂଷଣ ସ୍ତରକୁ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ହସ୍ତକ୍ଷେପ କରିବା ଉଚିତ । ଏହା ସେମାନଙ୍କର ନୈତିକ ଦାୟିତ୍ୱ । ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ପଦକ୍ଷେପ ନେବା ଉଚିତ ବୋଲି ଗୋପାଳ ରାୟ କହିଛନ୍ତି ।

ରାଜଧାନୀରେ ୧୧୬ ବସ୍ତି ବାସୀନ୍ଦାଙ୍କୁ ମିଳିଲା ଘର

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ୧୧୬ ବସ୍ତି ବାସୀନ୍ଦାଙ୍କୁ ମିଳିଲା ଫ୍ଲାଟ୍ । ଇଡିକଲ ଅଡିଟୋରିୟମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ଆବଣ୍ଟନ ପତ୍ର ବଣ୍ଟନ କରିଛନ୍ତି ।

ମଙ୍ଗଳବାର ମୋଟ ୧୧୬ ହିତାଧିକାରୀଙ୍କୁ ଆବଣ୍ଟନ ପତ୍ର ବଣ୍ଟନ କରାଯାଇଛି । ଚନ୍ଦ୍ରଶେଖରପୁର ଏଏଚପି ପାଇଁ ୪୭, ନୀଳମାଧବ ଆବାସ ଏଏଚପି ପାଇଁ ୩୬ ଓ ସୁବୁଦ୍ଧିପୁର ବରୁଣେଇ ଏନକ୍ଲେଭ ଏଏଚପି ପାଇଁ ୨୮ ଜଣ ହିତାଧିକାରୀଙ୍କୁ ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି ।

ସମାବେଶକୁ ସମ୍ବୋଧିତ କରି ଡ. ମହାପାତ୍ର ବସ୍ତିବାସୀନ୍ଦାଙ୍କ ଜୀବନରେ ଉନ୍ନତି

ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ରାଜଧାନୀରେ ଘର ମାଲିକ ହେବା ଅନେକଙ୍କ ପାଇଁ ସ୍ୱପ୍ନ । ବିଡିଏର ସୁଲଭ ଆବାସ ଯୋଜନା ମାଧ୍ୟମରେ ଆମେ ସହରାଞ୍ଚଳ ଗରିବଙ୍କୁ ଆଶ୍ରୟ ଦେବା ସହ କେବଳ ବାସଗୃହ ନୁହେଁ ବରଂ ଉନ୍ନତ ମାନର ଜୀବନ ଧାରଣକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ପ୍ରକଳ୍ପଗୁଡ଼ିକରେ ଉନ୍ନତ ଜୀବନଯାପନ ପାଇଁ ଉପଯୁକ୍ତ ଭିତ୍ତିଭୂମି ଏବଂ ମୌଳିକ ସୁବିଧା ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ଆଜିର *(ପୃଷ୍ଠା ୭ରେ)*

ଆସୁଛି ଆଉ ଏକ ଲଘୁଚାପ !

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ଆସୁଛି ଆଉ ଏକ ଲଘୁଚାପ । ୨୧ ତାରିଖ ସୁଦ୍ଧା ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଘୂର୍ଣ୍ଣିବଳୟ କ୍ରମେ ଘନୀଭୂତ ହୋଇ ୨୩ ତାରିଖରେ ଲଘୁଚାପର ରୂପ ନେବ । ପରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଅବପାତ ରୂପ ନେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ତେବେ ଲଘୁଚାପର ପ୍ରଭାବ କିଭଳି ରହିବ, ଏଯାଏଁ ସ୍ପଷ୍ଟ ହୋଇନି ।

ସେପଟେ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ରାଜ୍ୟରେ ଖସୁଛି ପାରଦ । ଧୀରେ

ଧୀରେ ବଢୁଛି ଶୀତ । ରାଜ୍ୟରେ ବର୍ତ୍ତମାନ ଜାରି ରହିଛି ଶୀତ ଲହରି । ଘରୁ ବାହାରିଲେ କୋହଲା ପବନ ବୋହୁଛି । ରାତି ଯେତେ ଯେତେ ବଢୁଛି ତାପମାତ୍ରା ସେତେ ଖସିବାରେ ଲାଗିଛି । ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଅନୁଭୂତ ହେଉଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନାହିଁ ।

ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ସର୍ବଭାରତୀୟ ଡିଜିପି ସମ୍ମିଳନୀ

ପ୍ରଧାନମନ୍ତ୍ରୀଙ୍କ ଫୋକ୍‌ସରେ ଓଡ଼ିଶା

ନୂଆଦିଲ୍ଲୀ, ୧୯।୧୧

ଚଳିତ ମାସ ୨୯ ତାରିଖରୁ ତିନି ଦିନିଆ ସର୍ବଭାରତୀୟ ଡିଜି ସମ୍ମିଳନୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରଥମ ଥର ପାଇଁ ଓଡ଼ିଶାରେ ଏହି ସର୍ବଭାରତୀୟ ସମ୍ମିଳନୀ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କ ସମେତ ଦେଶର ସବୁ ରାଜ୍ୟର ଡିଜିପି ଏବଂ ବରିଷ୍ଠ ପୋଲିସ୍ ଅଧିକାରୀ ଏଥିରେ ଯୋଗଦେବା ନିର୍ଦ୍ଧାରିତ ହୋଇଛି । ଏହା ସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), ସିଆରପିଏଫ୍, ଗୁଇନ୍ଦା ବ୍ୟୁରୋ ଏବଂ ସୁରକ୍ଷା ସମ୍ପର୍କିତ ଅନ୍ୟାନ୍ୟ ସଂସ୍ଥାର ମୁଖ୍ୟମାନେ ମଧ୍ୟ ଏହି ତିନି ଦିନିଆ ସମ୍ମିଳନୀରେ ଯୋଗ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ଏବେ ଓଡ଼ିଶା ଉପରେ ବେଶି ଗୁରୁତ୍ୱ ଦେଉଥିବାରୁ ଏହି ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜନ କରାଯାଇଛି ।

ଏହି ସମ୍ମିଳନୀରେ ସୀମା ସୁରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ଅପରାଧ, ଡ୍ରଗ୍ସ ଟ୍ରାଫିକିଂ ଏବଂ ମାନବ ଚାଲାଣ ଆଦି ବହୁବିଧ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯିବ । ଓଡ଼ିଶାରେ ଏହି ସମ୍ମିଳନୀ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ରାଜ୍ୟ ପୋଲିସ୍ ଉପରେ ଗୁରୁ ଦାୟିତ୍ୱ ବୃଦ୍ଧି ପାଇଛି । ଏନେଇ ପ୍ରସ୍ତୁତି ବୈଠକରେ ବିଶଦ ଆଲୋଚନା ମଧ୍ୟ କରାଯାଇଛି । ରାଜ୍ୟ ପୋଲିସ୍ ଡିଜିପି ୱା.ବି. ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ପ୍ରଥମଥର ପାଇଁ ଓଡ଼ିଶାରେ ଏହି ସର୍ବଭାରତୀୟ ସମ୍ମିଳନୀର ଆୟୋଜନ କରାଯାଇଥିବାରୁ ଏବଂ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଲୋଚନା ବୈଠକରେ ଯୋଗଦେଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଉଛି । ଲୋକସେବା ଭବନର ତୃତୀୟ ମହଲା କନ୍‌ଫରେନ୍ସ ହଲ୍‌ରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ବିଭିନ୍ନ ରାଜ୍ୟରୁ ଆସୁଥିବା ପ୍ରତିନିଧିମାନଙ୍କ ପାଇଁ ରାଜ୍ୟ ଅତିଥି ଭବନ ସମେତ ସମସ୍ତ ସରକାରୀ ଅତିଥି ଭବନ ଓ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଛି ।

୨୬ରୁ ବିଧାନସଭା ଅଧିବେଶନ ୨୫ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୯।୧୧
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୬ ତାରିଖଠାରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ସର୍ବଦଳୀୟ ବୈଠକ ୨୫ ତାରିଖ ଦିନ ଅନୁଷ୍ଠିତ ହେବ । ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ । ଏନେଇ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏହି ଅଧିବେଶନ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବ । ଏହି ଅଧିବେଶନକୁ ସୁରୁଖୁରୁରେ ପରିଚାଳନା ଲାଗି ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ । ଏଣେ ଏଥର ଅଧିବେଶନ ସରଗରମ ହେବାର ସମ୍ଭାବନା ରହିଛି । ଉଭୟ ବିରୋଧୀ ଓ ଶାସକ ମୁହାଁମୁହିଁ ହୋଇପାରନ୍ତି ।

ଏକାଳ ପଖାଳ

ନିଜ ରୋଜଗାରରେ ଚଳି ହୁଏ ନାହିଁ
ଲାଞ୍ଚେ ଖଚେ ମିଛେ ମଜା
ବାବୁ ଗୁଡାଙ୍କର କୁବେର ସମ୍ପତ୍ତି
ବିନା ମୁକୁଟରେ ରଜା
ଏବେ ପାଇଲେ ସଜ୍ଜା
ଅନ୍ଧାରି କୋଠରୀ ମଶା ଡାଉଁଶରେ
ନିଅ ଜୀବନର ମଜା ।

ଥରୁଛି ଘୁ.ଉଦୟଗିରି: ସଞ୍ଚା ନଇଁଲେ ନିଆଁ ପାଖରେ ଜମୁଛି ଲୋକଙ୍କ ଭିଡ଼

ଘୁ.ଉଦୟଗିରି, ୧୯।୧୧
**

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୦ ନଭେମ୍ବର, ବୁଧବାର, ୨୦୨୪

ସମସ୍ୟା ଘେରରେ ଶ୍ରୀରାମପୁର ପଞ୍ଚାୟତ

କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲାର ଶତାଧିକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁ ଦିନିଆ ରାସ୍ତା ନଥିବା ଯୋଗୁଁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତାହାର ଜଳନ୍ତା ଉଦାହରଣ ହେଉଛି କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ଦୁର୍ଗମ ପଞ୍ଚାୟତ ଶ୍ରୀରାମପୁର । ଉକ୍ତ ପଞ୍ଚାୟତର ଶେଷ ସୀମା ରେଖାରେ ଗଠିତ ଶ୍ରାମ୍ୱୀ, ବଡ଼ସାହି, ମଝିସାହି, ଲତୁଡ଼ିସାହି, ମହୁଲଭଜା, ମେରାଗୁଡ଼ି, ଡଙ୍ଗା ବାଦେରୀ ଭଳି ଅନେକ ଗ୍ରାମ ଅଛି । ଏହି ସବୁ ଗ୍ରାମଗୁଡ଼ିକରେ ଲୋକେ ପୂର୍ବପୁରୁଷ ଅମଳରୁ ବସବାସ କରିଆସୁଛନ୍ତି । ଯାତାୟାତ ପାଇଁ ଭଲ ରାସ୍ତାଟିଏ ନାହିଁ । ଫଳରେ ଆଜି ମଧ୍ୟ ଏହି ସବୁ ଗ୍ରାମଗୁଡ଼ିକରେ ବିକାଶ ଏକ ପ୍ରକାର ଅପହଞ୍ଚ । ଗତ ୧୦ ବର୍ଷ ପୂର୍ବେ ମାଟି ରାସ୍ତା ହୋଇଥିଲା ତାହା ଏବେ ସମ୍ପୂର୍ଣ୍ଣ ଖରାପ ହୋଇଗଲାଣି ପରିସ୍ଥିତି ଏଭଳି ହେଲାଣି ଯେ ଚାଲିକି ଯିବା ମଧ୍ୟ ଏକ ପ୍ରକାର ଅସମ୍ଭବ । ପାହାଡ଼ିଆ ପାଣି ଆସି ରାସ୍ତା ଉପରେ ମାଡ଼ିଥାଏ । ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରାୟ ୨ ଫୁଟ ଗଭୀର ଗର୍ତ୍ତ ଦେଖିବାକୁ ମିଳିଛି । ଅସରାଏ ବର୍ଷା ହୋଇଗଲେ ଶ୍ରୀରାମପୁର ପଞ୍ଚାୟତ, କୋଟଗଡ଼ ବ୍ଲକ, ତହସିଲ କାର୍ଯ୍ୟାଳୟ, ବଜାରକୁ ଯାତାୟାତ ଠପ୍ ହୋଇଯାଏ । ସରକାରଙ୍କ ପକ୍ଷରୁ ଶ୍ରୀରାମପୁର ପଞ୍ଚାୟତରେ ଦିଆଯାଉ ଥିବା ସରକାରୀ ଚାଉଳ ମଧ୍ୟ ଆଣିବା ଏକ ପ୍ରକାର ଅସମ୍ଭବ ହୋଇପଡୁଛି । ଏଠାରେ ପାନୀୟ ଜଳର ଘୋର ସମସ୍ୟା ରହିଛି । ଗ୍ରାମରେ ନା ଅଛି ନଳକୂପ ନା ଅଛି କୁଅ ନା ଅଛି ସୋଲାର ପାଣି ଟାଙ୍କି । ୫ ବର୍ଷ ପୂର୍ବେ ସରକାରଙ୍କ ତରଫରୁ ବସୁଧା ପାଣି ଟାଙ୍କି ଦିଆଯାଇଥିଲା ସତ କିନ୍ତୁ ଆଜି ପର୍ଯ୍ୟନ୍ତ ଗ୍ରାମରେ କୌଣସି କାର୍ଯ୍ୟକାରୀ ହୋଇପାରୁନାହିଁ । ଶେଷରେ ଗ୍ରାମବାସୀମାନେ ବାଧ୍ୟ ହୋଇ ଗ୍ରାମ ଠାରୁ ପ୍ରାୟ ୧ କି.ମି. ଦୂରତାକୁ ଗଲେ ଏକ ପାହାଡ଼ିଆ ଚୁଆ ଦେଖିବାକୁ ମିଳେ । ସେହି ଚୁଆ ପାଣିକୁ ଗରା, ମାଠିଆ, ହାଣ୍ଡି, ବାଲ୍ଟିରେ ଗାମୁଛା ପକାଇ ଛାଣିଛାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତି । ସେହି ଦୂଷିତ ପାଣିରେ ଗାଈ, ଛେଳି, ଘୁଷୁରୀ, କୁକୁର, ମଇଁଷି, ଷଣ୍ଢ, ମେଣ୍ଢା ଭଳି ବିଭିନ୍ନ ଗୃହପାଳିତ ପଶୁପକ୍ଷୀ ଗାଧୋଇ ଦିଅନ୍ତି । ସେହି ଦୂଷିତ ପାଣିକୁ ବ୍ୟବହାର କରି ବୃକକ, କିଡ୍‌ନୀ ରୋଗ, ଝାଡ଼ା ବାନ୍ତି, ମ୍ୟାଲେରିଆ, ଚର୍ମ ରୋଗ ଭଳି ଅନେକ ରୋଗରେ ମଧ୍ୟ ଗ୍ରାମବାସୀ ମାନେ ଆକ୍ରାନ୍ତ ହୋଇଥାନ୍ତି । ବିଦ୍ୟୁତ ଆଲୋକ କଥା ନକହିବା ଭଲ । କାରଣ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇଛି କିନ୍ତୁ ମାସିକ ୩୦ ଦିନରୁ ୪/୫ ଦିନ କେବଳ ରହେ ତାହା ବି ଲୋଭୋଲ୍ଟେଜ । ଗ୍ରାମବାସୀଙ୍କ ଏକ ମାତ୍ର ଭରସା ଡିବିରୀ । ଉକ୍ତ ଗ୍ରାମ ଗୁଡିକରେ କେବଳ ଆଦିବାସୀ ସାମ୍ପ୍ରଦାୟର ଲୋକେ ହିଁ ବସବାସ କରନ୍ତି । ତୁରନ୍ତ ଏହି ଗ୍ରାମ ଗୁଡିକରେ ରହିଥିବା ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ ଆଲୋକ ଭଳି ସମସ୍ୟାକୁ ସମାଧାନ କରିବାକୁ ଜନସାଧାରଣ ଦାବି କରଛନ୍ତି ।

ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ସମବାୟ ସପ୍ତାହ ପାଳନ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପରିସରରେ ୭୧ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ପାଳନ କରାଯାଇଛି । ସପ୍ତରଙ୍ଗୀ ସମବାୟ ପତାକା ଉତ୍ତୋଳନ କରାଯିବା ପରେ କେନ୍ଦ୍ରାପଡ଼ା ମଣ୍ଡଳ ସହ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅର୍ବାନ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ଭାଗବାତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଥିଲେ । କେନ୍ଦ୍ରାପଡ଼ା ସମବାୟ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ସମେତ ବହୁ ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ, ବ୍ୟାଙ୍କର କର୍ମଚାରୀ ଓ ଶତାଧିକ ସଦସ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ବସୁନ୍ଧରା ନଦୀ ପ୍ରଦୂଷିତ : ସଫେଇ ଦାବି

ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ

ବସୁନ୍ଧରା ନଦୀ ରାଜପୁର ଅଞ୍ଚଳର ଜୀବନରେଖା ଅଟେ । ତେବେ ସୁନ୍ଦରଗଡ଼ ଦରଲିପାଲି ସ୍ଥିତ ତାପଜ ବିଦ୍ୟୁତ ପ୍ରକଳ୍ପ ଏନ୍‌ଟିପିସି ବସୁନ୍ଧରା ନଦୀକୁ ପ୍ରଦୂଷିତ କରି ଲୋକଙ୍କ ଜୀବନ ସହିତ ଖେଳୁଛି । ସେହିପରି ଉଭୟ ଇବ୍ ଓ ବସୁନ୍ଧରା ନଦୀ ଭିତରେ ମାଟି ଜମିଯିବା ସହିତ ବାଲି ପାହାଡ଼ ଓ ଘଞ୍ଚ ଜଙ୍ଗଲ ସୃଷ୍ଟି ହେଇଥିବାରୁ ଜଳ ପ୍ରବାହ ପ୍ରଭାବିତ ହେଉଛି । ତେଣୁ ଏହାକୁ ସଫେଇ କରିବା ଲାଗି ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରି ଅନୁରୋଧ କରିଛନ୍ତି । ଦାବି ପତ୍ରରେ ଉଲ୍ଲେଖିତ ଯେ, ବସୁନ୍ଧରା ନଦୀରୁ ରାଜପୁର ଓ ଦେଓଗାଁର ସମସ୍ତ ଘରକୁ ଜଳ ଯୋଗାଣ କରାଯାଉଛି । ତେବେ ବସୁନ୍ଧରା ନଦୀକୁ ଦରଲିପାଲି ଏନଟିପିସି ପ୍ରଦୂଷିତ କରିଥିବାରୁ ଲୋକେ ଏହି ପାଣି ପିଇ ରୋଗଗ୍ରସ୍ତ ହେଉଛନ୍ତି । ଅନ୍ୟପଟେ ବିଗତ ଦିନରେ ବସୁନ୍ଧରା ନଦୀରୁ ବେଆଇନ ବାଲି ଉଠାଣ ଯୋଗୁଁ ନଦୀ ଭିତରେ ମାଟି ଜମି ଯିବା ସହିତ ବାଲି ପାହାଡ଼ ଓ ଘଞ୍ଚ ଜଙ୍ଗଲ ସୃଷ୍ଟି ହେଇଥିବାରୁ ଜଳ ପ୍ରବାହ ପ୍ରଭାବିତ ହୋଇଛି । ରାଜପୁର-ଦେଓଗାଁ ଦେଇ ପ୍ରବାହିତ ଇବ ନଦୀରେ ମଧ୍ୟ ସମାନ ସମସ୍ୟା ରହିଛି । ଏଥିପାଇଁ ଲୋକେ ବର୍ଷ ତମାମ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ବସୁନ୍ଧରା ଓ ଇବ୍ ନଦୀ ଭିତରେ ଥିବା ବାଲି ଏବଂ ମାଟିର ପାହାଡ଼ ଓ ଘଞ୍ଚ ଜଙ୍ଗଲଗୁଡ଼ିକୁ ସଫେଇ କରିବାକୁ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

‘ଧୂଳ କେ ଫୁଲ’ ମାଧ୍ୟମରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବାଲେଶ୍ୱର, ନ୍ୟୁଜ୍

ବାଲେଶ୍ୱରର ରେମୁଣାସ୍ଥିତ ନୋସି ପାର୍କରେ ଧୂଳ କେ ଫୁଲ ୨୦୨୪ର ଶୁଭ ଉଦ୍‌ଘାଟନ ହୋଇଯାଇଛି । ସହରର ବସ୍ତି ଅଞ୍ଚଳରେ ବସବାସ କରୁଥିବା କୁନିକୁନି ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ସାଉଁଟି, ସେମାନଙ୍କର ଗୁଣାତ୍ମକ ବିକାଶ ନିମନ୍ତେ ‘ଧୂଳ କେ ଫୁଲ’ର ଜନ୍ମ । ଆମ ସମାଜରେ ସାଧାରଣତଃ ଆର୍ଥିକ ଓ ସାମଜିକ ଅନଗ୍ରସର ଶ୍ରେଣୀର ପରିବାରର ପିଲାମାନେ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକୀୟ ସାଧନ ଓ ସୁଯୋଗ ପାଆନ୍ତି ନାହିଁ । କିନ୍ତୁ ଯେହେତୁ ବସ୍ତି ସହରର ଅବିଚ୍ଛେଦ୍ୟ ଅଙ୍ଗ, ସେମାନେ ସମ୍ମାନର ସହ ବଞ୍ଚିବା ଓ ଆଗକୁ ବଢିବା ନିତ୍ୟାନ୍ତ ଜରୁରୀ । କୋଠାବାଡ଼ି ନିର୍ମାଣରୁ ଆରମ୍ଭ କରି ଆମ ଘରର କାମ କାର୍ଯ୍ୟରେ ସହଯୋଗ, ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଠାରୁ ଆରମ୍ଭ କରି ରିକ୍ସା ଚାଳକ ପର୍ଯ୍ୟନ୍ତ ସମସ୍ତେ ଆମ ଦୈନନ୍ଦିନ ଜୀବନରେ ସହଯୋଗ କରନ୍ତି ସେମାନଙ୍କ ପିଲାମାନଙ୍କର ପିଲାଦିନ ଯେମିତି ସରସ ସୁନ୍ଦର ଓ ମଧୁମୟ କରାଯାଇପାରିବ, ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ । ଏହି କାର୍ଯ୍ୟକ୍ରମରେ ନୃତ୍ୟ, ସଂଗୀତ ଏବଂ ଚିତ୍ରାଙ୍କନ କ୍ଷେତ୍ରରେ ରୁଚି ରଖୁଥିବା ୫ରୁ ୧୬ ବର୍ଷ ବୟସ ଶିଶୁ ପ୍ରତିଭା ମାନଙ୍କର ପ୍ରତିଯୋଗିତା କରାଯାଇଥିଲା । ଏଥିରେ ସହରର ବସ୍ତି ଅଞ୍ଚଳର କିଛି ଶିଶୁ ପ୍ରତିଭାମାନେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ମାଧ୍ୟମରେ ଅନେକ ଶିଶୁମାନେ ନିଜର ପ୍ରତିଭାକୁ ଲୋକ ଲୋଚନକୁ ଆଣି ପାରିଛନ୍ତି ସେମାନଙ୍କୁ ପ୍ରଶଂସା କରିବା ସହିତ ପୁରସ୍କାର ବଣ୍ଟନ କରାଯାଇଥିଲା । ନୀଳଗିରି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଧୂଳ କେ ଫୁଲ ଏବଂ ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ବଲ୍ଲଭ ଦଳାଇଙ୍କ ଆବାହକତ୍ୱରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କବି ଅଭୟ ଦାସ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଅବସର ପ୍ରାପ୍ତ ଜୀବନ ବୀମା ନିଗମ ଅଧିକାରୀ ଦିବାକର ମହାପାତ୍ର, ଚିତ୍ରଶିଳ୍ପ କେଶୁ ଦାସ, ସମାଜସେବୀ ବିଜୟ ଦାସ ଅଧିକାରୀ, କାର୍ଯ୍ୟକ୍ରମର ସଂଯୋଜକ ପ୍ରଶାନ୍ତ ପଟେଲ, ଅଶୋକ ଦାସ, ଅସିତ ଦଳାଇ, ସୁବାସ ଖୁଣ୍ଟିଆ ସତ୍ୟଜିତ ବ୍ରହ୍ମା, ଦେବେନ୍ଦ୍ର କୁମାର ରାଉଳ, ଜଗତ ଜ୍ୟୋତି ମହାନ୍ତି, ସମ୍ମିତ ଖୁଣ୍ଟିଆ, ଧରଣୀଧର ମଦୁଲି ଅନେକେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ । ଆଗାମୀ ଦିନରେ ଆଖ ପାଖରେ ଥିବା ଏହି ପ୍ରତିଭାମାନଙ୍କୁ ଆମ ଦୃଷ୍ଟିକୁ ଆଣିବା ସହିତ ଏହି ଅଭିନବ ଅଭିଯାନରେ ସହଯୋଗ ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ ।

ସାମ୍ବାଦିକ ସଂଘ ପକ୍ଷରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ସାମ୍ବାଦିକ ସଂଘ ଓ ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହାପି ୱାର୍ଲ୍ଡ ପରିସରରେ କେନ୍ଦ୍ରିୟ ରକ୍ତ ଭଣ୍ଡାର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସଭାପତି ସତ୍ୟବ୍ରତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା ଓ ସମାଜସେବୀ ଦୀଲ୍ଲିପ ଛତାର ଉଦ୍‌ଘାଟନ କରିଥିଲେ । ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଚନ୍ଦ୍ରିକା ପ୍ରସାଦ ଦାସ, ଉପନଗରପାଳ ଶୁଭେନ୍ଦୁ ସାମଲ, ଯୁବ ସଂଗଠକ ସୋଭେନ ମହାନ୍ତି, ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଚୌଦ୍ୱାର ରକ୍ତଦାତା ସଂଘ ସଭାପତି ରାଜକିଶୋର ସାମନ୍ତରାୟ, ନରେଶ ସାହୁ, ପରିକ୍ଷୀତ ଲେଙ୍କା, ସଂଜୀତ ଜେନା, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସଂଜୀବ ତାଓ୍ୱାରୀ, ଅଜିତ ସ୍ୱାଇଁ, ଦୀପକ ବେଉରା, ରଞ୍ଜିତ୍ ବେଉରା, ଚିନ୍ମୟ ବେହେରା, ତ୍ରୀନାଥ ମାହୁନ୍ତ, ସେକ ଶୋଭାନ, ଅନିକେତ ସାହୁ, ନବୀନ ରାଓ, ସୁରେନ୍ଦ୍ର ସାହୁ, ବିଶ୍ୱଜିତ ବିଶ୍ୱାଳ, ପ୍ରଦୀପ ମହାପାତ୍ର, ରାଜେଶ ସେଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

ପଲ୍ଲୀସଭା ବିଫଳ : ଗ୍ରାମବାସୀଙ୍କ ଅସନ୍ତୋଷ

ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ଆଦିବାସୀ ନେତା ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳନ ଉପଲକ୍ଷେ ଲମତାପୁଟ ବ୍ଲକ୍ କୁମାରଗନ୍ଧଣା ପଞ୍ଚାୟତ ବାଲିଆ ଗ୍ରାମ ଠାରେ ଏକ ସ୍ୱତନ୍ତ୍ର ପଲ୍ଲୀସଭା ଓ ପ୍ରଶିକ୍ଷଣ ଶିବିରର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ଗ୍ରାମର ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । କିନ୍ତୁ ସଭା ଆୟୋଜନ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜିତ ପ୍ରଧାନ ଓ ସରପଞ୍ଚ ଲକ୍ଷ୍ମୀ ମୁଦୁଲି ଦୁହେଁ ଅନୁପସ୍ଥିତ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଣେ ଯୋଗାଣ ସହାୟକଙ୍କ ହାତରେ ସଭାକୁ ଟେକିଦେଇ ଦାୟିତ୍ୱରୁ ଓହରି ଯାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ବାଢିଛନ୍ତି । ଏପଟେ ସରପଞ୍ଚଙ୍କ କହିବା କଥା କି ସେ ଉକ୍ତ ଦିନ ପଲ୍ଲୀସଭା ଥିବା ବିଷୟରେ ଅବଗତ ନଥିଲେ । ଅନ୍ୟ କୌଣସି ଦିନ ସଭା ରଖାଯିବ ବୋଲି ତାଙ୍କୁ ଖବର ଥିଲା । ସଭାରେ କୌଣସି ଦାୟିତ୍ୱସମ୍ପନ୍ନ ଅଧିକାରୀ ଉପସ୍ଥିତ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ସଭାରୁ ଉଠି ଚାଲିଯାଇଥିଲେ । ଏପରି ଅସାମଞ୍ଜସ୍ୟ ପରିସ୍ଥିତି ମଧ୍ୟରେ ତରବରିଆ ଭାବେ କାହିଁକି ପଲ୍ଲୀସଭାର ଆୟୋଜନ କରାଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ଥାନୀୟ ସରପଞ୍ଚଙ୍କୁ ଜାଣିଶୁଣି ଅଣଦେଖା କରାଗଲା ନା ସରପଞ୍ଚ ଜାଣିଶୁଣି ସଭାକୁ ଆସିଲେନାହିଁ ନା ଯା ପଛରେ ଅନ୍ୟ କିଛି ରହସ୍ୟ ଲୁଚି ରହିଛି ତାହା ସନ୍ଦେହ ଘେରରେ । ୱାର୍ଡ଼ମେମ୍ବର ହରି ମୁଦୁଲୀ, ଗୋପୀନାଥ ଦିସାରି, ରାମ ନାୟକ ଅର୍ଜୁନ ମୁଦୁଲି, କାଶୀନାଥ ଦିଶାରି, ଆଦୁ ଦିଶାରି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଲଜ୍ଜାଜନକ ପଲ୍ଲୀସଭାକୁ ନିନ୍ଦା କରି ଏହାର ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ପ୍ରଶାସନକୁ ନିବେଦନ କରିଛନ୍ତି ।

ରାଇପାଳ ରାମେଶ୍ୱର ଆଶ୍ରମରେ ଭାଗବତ ସପ୍ତାହ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତର ରାଇପାଳ ରାମେଶ୍ୱର ଆଶ୍ରମରେ ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ ପାରାୟଣ ଅନୁଷ୍ଠିତ ହୋଇ ଯାଇଛି । ଦୈନିକ ଭାଗବତ ପାରାୟଣ ସହ ନିତ୍ୟ ପୂଜାପାଠ ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଜୟ କୁମାର ନାୟକ, ଅନନ୍ତ ଚରଣ ମହାନ୍ତି, ଶରତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ ।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ : କଳସ ଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ଓ ସାଧୁ ସନ୍ଥଙ୍କ ଯୋଗଦାନ

ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କ ନୂତନ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବର ଦ୍ୱିତୀୟ ଦିନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶହଶହ ମହିଳା ମୁଣ୍ଡରେ କଳସ ଧରି ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରି ଖଡ଼ଗ ନଦୀ ପର୍ଯ୍ୟନ୍ତ ଯାଇଥିଲେ । ଏଥିରେ ବହୁ ସାଧୁ ସନ୍ଥ,ପଣ୍ଡିତ ଓ ସ୍ଥାନୀୟ ଜନ ସାଧରଣ ସାମିଲ ହୋଇଥିଲେ । ଖଡ଼ଗ ନଦୀ ନିକଟରେ ବନଯାଗ, ଅଧିବାସ ହୋଇଥିବା ବେଳେ ଓ ଯଜ୍ଞ ମଣ୍ଡପରେ ଅଙ୍କୁର ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ କର୍ତ୍ତାଭାବେ ସନ୍ତୋଷ ପଣ୍ଡା, ମଧୁସୂଦନ ଦାସ, ଗୋପାଳ ପଣ୍ଡା, ସୀମାଞ୍ଚଳ ପଣ୍ଡା, ସୁରେନ ଦାସ ଓ ବନମାଳୀ ପଣ୍ଡା ପ୍ରମୁଖ ନଦୀ ନିକଟକୁ ଯାଇ ଗଙ୍ଗା ମାତାକୁ ସ୍ମରଣ କରି କଳସରେ ଜଳ ସଂଗ୍ରହ କରିଥିଲେ । ପୁରୋହିତ ଭାବେ ପଣ୍ଡିତ ପୀତାମ୍ବର ରଥଶର୍ମା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଦେବାଶିଷ ରଥ, ଦେବୀ ପ୍ରସାଦ ରଥ, ରାମକୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ର ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ସାଧୁ ସନ୍ଥ ସ୍ୱାମୀ ମୁକ୍ତାନନ୍ଦ ମହାରାଜ ପୁରୀ, ସୃତି ସାଗର, ଯୋଗୀ ସାଧୁନାଥ, ଜଗଦା ନନ୍ଦ ଦାସ ସମେତ ବହୁ ସାଧୁ ସନ୍ଥ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ପ୍ରଦେଶ ଅଧ୍ୟକ୍ଷ ବିଶ୍ୱଜିତ ପାତ୍ର, ଧର୍ମ ଜାଗରଣ ସାମୁଖ୍ୟର ଅନ୍ତର୍ଯ୍ୟାମି ବେହେରା, ଗାୟତ୍ରୀ ମନ୍ଦିର ସଭାପତି ପଦ୍ମନାଭ ପୃଷ୍ଟି, ସୁରେନ୍ଦ୍ର ପାତ୍ର, ରଞ୍ଜିତ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ । ପୂର୍ବାହ୍ନରେ ଚବିଶିପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟାରେ ତ୍ରିବେଦୀ ପାର୍କ ନିକଟରେ ସାଧୁ ସନ୍ଥମାନଙ୍କ ଦ୍ୱାରା ଜ୍ଞାନ ପ୍ରବଚନ ମାଧ୍ୟମରେ ଜ୍ଞାନ ଯଜ୍ଞ କରାଯାଇଥିଲା । ମନ୍ଦିର ଟ୍ରଷ୍ଟ ବୋର୍ଡର ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ଲୋକନାଥ ପାଢୀ ଜୀବନାନନ୍ଦ ମହାରଣା ଓ ଲଳିତ ପାତ୍ର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଜଗଦ୍ଧାତ୍ରୀ ମେଳାରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ପଞ୍ଚମ ଦିନ ପୂର୍ବାହ୍ନରେ ମେଳା ପଡ଼ିଆରେ ପ୍ରତିବର୍ଷ ପରି କମିଟି ତରଫରୁ ଏକ ସ୍

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୦ ନଭେମ୍ବର ୨୦୨୪ ବୁଧବାର

ବାଙ୍ଗିରିପୋଷିରୁ କଲରାପତରିଆ ବାଘ ଛାଲ ଜବତ, ୩ ଗିରଫ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ରେଞ୍ଜ ଅନ୍ତର୍ଗତ ବାଲିଖୋଣି ଗାଁରେ ଏକ କଲରାପତରିଆ ବାଘ ଛାଲ ଜବତ କରିଛି ବନବିଭାଗ । ଏଥିସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ସୂଚନା ରହିଛି । ବନ ବିଭାଗ କୌଣସି ସୂତ୍ରରୁ ବାଘ ଛାଲ ବିକ୍ରି ହେଉଥିବାର ଖବରପାଇ ବାଲିଖଣି ଗାଁରେ ଚଢ଼ଉ କରିଥିଲେ । ୪ ଜଣ ବ୍ୟବସାୟୀ ୨ଟି ବାଇକ୍‌ରେ ଜଙ୍ଗଲରୁ ବାଘ ଛାଲ ନେଇ ବିକ୍ରି କରିବା ପାଇଁ ଯାଉଥିବା ବେଳେ ବନ ବିଭାଗ ଅତର୍କିତ ଭାବେ ଚଢ଼ଉ କରିଥିଲା ଏବଂ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲା । କିନ୍ତୁ ଅନ୍ୟ ଜଣେ ବନବିଭାଗ କର୍ମଚାରୀଙ୍କୁ ଚକମା ଦେଇ ଫେରାର୍ ହୋଇଯାଇଥିଲେ । ଗିରଫ ବ୍ୟକ୍ତିମାନଙ୍କ ଠାରୁ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରାଯାଇଛି । ତେବେ ଏହି ବାଘକୁ କେଉଁଠି ଶିକାର କରାଯାଇଛି ଏବଂ ଏଥିରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେନେଇ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରୁଛନ୍ତି ।

ସଫେଇ କର୍ମଚାରୀଙ୍କୁ ମିଳୁନି କଣ୍ଟ୍ରୋଲ ଚାଉଳ, ମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମା' ମଙ୍ଗଳା ସଫେଇ କର୍ମଚାରୀ ସଂଘ ପକ୍ଷରୁ କଣ୍ଟ୍ରୋଲ ଚାଉଳ ମିଳୁନଥିବା ନେଇ ମନ୍ତ୍ରୀଙ୍କୁ ଏକ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟକୁ ଏକ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଅସିଥିବା ବେଳେ ସଫେଇ କର୍ମଚାରୀ ସଂଘ ପକ୍ଷରୁ ଖାଦ୍ୟ ସୁରକ୍ଷା ଆଇନ୍‌ରେ ସମସ୍ତଙ୍କୁ ରାସନ କାର୍ଡ ମିଳୁଥିବା ବେଳେ ସଫେଇ କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରାଯାଇଛି । ସଫେଇ କର୍ମଚାରୀ ମାନଙ୍କର ପ୍ରତ୍ୟେକ ପରିବାରରେ ୫/୬ ଜଣ ସଦସ୍ୟ ଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଭାବରେ ଆବେଦନ କଲେ ସରକାରଙ୍କର ଚାକିରିଆ ବୋଲି କହି ଆବେଦନକୁ ଗ୍ରହଣ କରାଯାଉନାହିଁ । ଏହି କର୍ମଚାରୀମାନେ ଦିନ ମଜୁରିଆ ଭାବେ କାମ କରୁଥିବା ସତ୍ତ୍ୱେ ଏମାନଙ୍କୁ ରାସନ କାର୍ଡ ଦିଆଯାଉ ନଥିବା ଅଭିଯୋଗ ଗୁଡିକୁ ନେଇ ଖାଦ୍ୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ଖାଦ୍ୟ ସୁରକ୍ଷା ଆଇନ୍ ବଳରେ ଏମାନଙ୍କୁ ରାସନ କାର୍ଡ ଦେବାପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଉପଦେଷ୍ଟା ଅମର ନାୟକ, ସଭାପତି ମନିନ୍ଦ୍ର କୁମାର ରାଉତଙ୍କ ସମେତ ଗଜି ନାୟକ, ପ୍ରକାଶ ନାୟକ, ରଂଜିତା ଦେଇ, ପ୍ରଭାକର ନାୟକ, ସତୁ ନାୟକ, ମୁନା ନାୟକ, ସଂଜୁ ଦେଇ ପ୍ରମୁଖ ଉପସ୍ଥିତ ଥିଲେ ।

ନନ୍ଦପୁରରେ ଅପରେସନ୍ 'ଗ୍ରୀନ୍ କ୍ଲିନ୍' ଜାରି

ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ନନ୍ଦପୁର ଏସ୍‌ଡିପିଓ ସମ୍ମିତ କୁମାର ମାଝିଙ୍କ ଉପସ୍ଥିତିରେ ଅପରେସନ୍ ଗ୍ରୀନ୍ କ୍ଲିନ୍ ମାଧ୍ୟମରେ ପୁଣି ନନ୍ଦପୁର ଅବକାରୀ ବିଭାଗ ଓ ମାଛକୁଣ୍ଡ ପୋଲିସ ମିଳିତ ଭାବେ ନନ୍ଦପୁର ବ୍ଲକ ବିଲାପୁଟ, ଜବାଗଡ ଏବଂ ହରଗଣ୍ଡା ଅଞ୍ଚଳରେ ଚଢ଼ଉ କରି ଗଞ୍ଜେଇ ଗଛ କାଟି ନଷ୍ଟ କରିଛନ୍ତି । ଏସଡିପିଓ ସମ୍ମିତ କୁମାର ମାଝି, ନନ୍ଦପୁର ଅବକାରୀ ଇନ୍‌ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ଭାରପ୍ରାପ୍ତ ଅଧିକାରୀ ଅଭୟ କୁମାର ନାୟକ, ସଞ୍ଜୟ କୁମାର କାଣ୍ଡୀ, ମୋବାଇଲ୍ ୟୁନିଟ୍ ଇନ୍‌ସପେକ୍ଟର ଚନ୍ଦ୍ର ଶେଖର ପଡ଼ିହାରି, ମାଛକୁଣ୍ଡ ପୋଲିସ ଏସଆଇ ସୁକ୍ରା ମାଢ଼ି ଓ ଡିଭିଏଫ ଟିମ୍ ଏହି ଅଞ୍ଚଳରେ ଚଢ଼ଉ କରି ପ୍ରାୟ ୨୨ ଏକର ଜମିରେ ଲାଗିଥିବା ୨୬୪୦୦ ଗଞ୍ଜେଇ ଗଛ କାଟି ନଷ୍ଟ କରିଥିବା ଜଣାପଡ଼ିଛି ଯେଉଁ ସ୍ଥାନରେ ଏହି ଚାଷ କରାଯାଇଛି ତାହା ସରକାରୀ ନା କାହାର ମାଲିକାନା ଜମି ଜାଣିବା ଲାଗି ରାଜସ୍ୱ ବିଭାଗର ସହାୟତା ଲୋଡା ଯାଇଛି । ଆରଆଇ ରିପୋର୍ଟ ମିଳିବା ପରେ ଯଦି ଉକ୍ତ ଜମି କାହାର ମାଲିକାନା ଜମି ହୋଇଥାଏ ତାହେଲେ ସେହି ଜମି ମାଲିକଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତବ୍ୟ ଦେଇଛନ୍ତି ନନ୍ଦପୁର ଏସ୍‌ଡିପିଓ ସମ୍ମିତ କୁମାର ମାଝୀ ।

ବାଲିଗୁଡା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ:ସାମିଲ୍ ହେଲେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପାର୍ଶ୍ୱ ଦେବାଦେବୀଙ୍କ ନୂତନ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବର ତୃତୀୟ ଦିନରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ପହଞ୍ଚି ଜଗନ୍ନାଥଙ୍କ ଦର୍ଶନ କରିଥିଲେ । ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ତାଙ୍କୁ ସ୍ୱାଗତ କରିବା ପରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନଦିଆ ସଙ୍କୀର୍ତ୍ତନରେ ହରେ କୃଷ୍ଣ ହରେ ରାମ ନାମ ଧରି ମନ୍ଦିର ନିକଟ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ତାଙ୍କ ସହ ଭଞ୍ଜନଗର ସାଂସଦ ପ୍ରତିନିଧି ରବୀନ୍ଦ୍ର ଗୌଡ, ନୀଳମାଧବ ପାତ୍ର, ଧୋବା ଗୌଡ, ମାନସ ଜେନା, ଧୀରେନ ମହାନ୍ତି ପ୍ରମୁଖ ଆସି ଯଜ୍ଞରେ ସାମିଲ ହୋଇଥିଲେ । ମନ୍ଦିର ଟ୍ରଷ୍ଟ ବୋର୍ଡର ଟି. ଶ୍ରୀନିବାସ ରାଓ ଫୁଲ ଚନ୍ଦନ ଓ ଉପଢୌକନ ଦେଇ ମନ୍ଦିର ପରିସରକୁ ପାଛୋଟି ନେଇଥିଲେ । ଶ୍ରୀଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପରେ ନାମ ଯଜ୍ଞ ଓ ଘୃତ ଯଜ୍ଞରେ ସାମିଲ୍ ହୋଇ ଆଶ୍ରିବାଦ କାମନା କରିଥିଲେ । ସ୍ୱାଗତ କରିବା ପାଇଁ ଭାରତୀୟ ଜନତା ପାର୍ଟି ତରଫରୁ ସୁରେନ୍ଦ୍ର ପାତ୍ର, ରଞ୍ଜିତ ଚୌଧୁରୀ ସୂର୍ଯ୍ୟ ନାୟକ, ପୁରୁଷୋତ୍ତମ ଡାକୁଆ, ଅମିୟ ବେହେରା, ଗଙ୍ଗାଧର ସାହୁ, ସ୍ୱରୂପା ନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପ୍ରଦେଶ ଅଧ୍ୟକ୍ଷ ବିଶ୍ୱଜିତ ପାତ୍ର, ଧର୍ମ ଜାଗରଣ ସମୁଖ୍ୟର ଅନ୍ତର୍ଯ୍ୟାମି ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

ଅର୍ଥ ଆତ୍ମସାତ୍ ମାମଲାରେ ସମିତି କର୍ମଚାରୀଙ୍କୁ ଜେଲ୍‌ଦଣ୍ଡ

ବାଲେଶ୍ୱର, ନ୍ୟୁଜ୍

ସରକାରୀ ତହବିଲରୁ ଅର୍ଥ ହେର୍‌ଫେର୍ ଓ ଆତ୍ମସାତ୍ ମାମଲାରେ ବାଲେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାସ ଅଭିଯୁକ୍ତ ପୂର୍ବତନ ସମବାୟ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ଶୁଣାଇଛନ୍ତି । ପୂର୍ଣ୍ଣଚନ୍ଦ୍ର ସଦର ବ୍ଲକ ଅନ୍ତର୍ଗତ ରସାଳପୁର ସେବା ସମବାୟ ସମିତିର ସହ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ଗତ ୨୦୦୮ ମସିହାରେ ସେ ନିଜକୁ ସମିତି ସମ୍ପାଦକ ଭାବରେ ଉପସ୍ଥାପନ କରି ୬ ଲକ୍ଷ ୧୫ ହଜାର ଟଙ୍କା ସମିତି ପାଣ୍ଠିରୁ ଚଳୁ କରିଥିବାର ଅଭିଯୋଗ ହୋଇଥିଲା । ଏ ବାବଦରେ ବାଲେଶ୍ୱର ଭିଜିଲିନ୍ସ ଥାନା କେଶ ନମ୍ବର ୩୫/୨୦୦୮ରେ ମାମଲା ରୁଜୁ ହୋଇଥିଲା । ଦୀର୍ଘ ୧୬ ବର୍ଷ ପରେ ମାମଲାର ରାୟ ପ୍ରକାଶ ପାଇଛି । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଧାମୋହନ ମହାପାତ୍ର ମାମଲା ଲଢୁଥିଲେ ।

ତରଭା ବ୍ଲକରୁ ଶୁଭାରମ୍ଭ ହେଲା ରୌପ୍ୟ ଜୟନ୍ତୀ ସମାରୋହ ପଏଁରୀ ତିହାର ୨୦୨୫

ବଘିଆ ଗାଁରେ ପହଞ୍ଚିଲା ମା' ସୁରେଶ୍ୱରୀଙ୍କ ଆଙ୍କାମାଳ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀର ୨୦୨୫ର ରୌପ୍ୟ ଜୟନ୍ତୀ ସମାରୋହ ହେବ ଆସନ୍ତା ଜାନୁୟାରୀ ମାସ ୧ରୁ ୩ ପର୍ଯ୍ୟନ୍ତ । ଏହି ଅବସରରେ ଗାଁ ଗାଁରେ ଲୁଚି ଯାଉଥିବା ଲୋକକଳା ଓ କଳାକାର ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପଏଁରୀ ଅନୁଷ୍ଠାନ ଏକ ନିଆରା ପଦକ୍ଷେପ ନେଇ ଏହି ବର୍ଷ ପ୍ରଥମ କରି ତରଭା ବ୍ଲକରେ ଶୁଭ ଉଦ୍ଘାଟନ ହେଇଥିଲା । ପଏଁରୀ ତିହାର (ପାରମ୍ପରିକ ଲୋକନୃତ୍ୟ ଓ ସଂଗୀତ ଉତ୍ସବ) ରୌପ୍ୟ ଜୟନ୍ତୀ ସମାରୋହ। ଅନୁଷ୍ଠାନର ସଂପାଦକ ତଥା ଲୋକକଳା ଗବେଷକ, ନୃତ୍ୟ ନିର୍ଦ୍ଦେଶକ ଶ୍ରୀ ଚୌଧୁରୀ ବିଭାରଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଅନୁଷ୍ଠାନର କର୍ମକର୍ତ୍ତାମାନେ ମା'

ସୁରେଶ୍ୱରୀଙ୍କ ଆଙ୍କାମାଳ ନେଇ ତରଭା ବ୍ଲକର ବଘିଆ ଗ୍ରାମରେ ପହଞ୍ଚି ଥିଲେ । ମା'ଙ୍କ ଆଙ୍କାମାଳକୁ ଗାଁ କଳାକାରଙ୍କ ସ୍ୱାଗତ ବେଳେ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠିଥିଲା ବଘିଆ ଗ୍ରାମ । ତରଭା ବ୍ଲକର ବ୍ଲକ ଉପ-ସଭାପତି ମାନଭଂଜନ ମିଶ୍ରଙ୍କ ସହଯୋଗ ଓ ସଂଯୋଜନା ଏକ ସଭାର ଭବ୍ୟ ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟଅତିଥି ବଘିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଶ୍ୱନି ବିଶି, ସମ୍ମାନିତ ଅତିଥି ଜୟପ୍ରକାଶ ନାରାୟଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ, ସମିତି ସଭ୍ୟ, ଗଣେଶ୍ୱର ନାଏକ, ସମାଜର ବରିଷ୍ଠ ସାମ୍ବାଦିକ ଅନନ୍ତର୍ଯ୍ୟାମୀ ସାହୁ, ମହକ ଓ ସମୟର ସାମ୍ବାଦିକ କଲ୍ୟାଣ ନାଏକ, ସଭାପତି ଲଡୁକିଶୋର ମଲ୍ଲିକ, ଉପ ସଭାପତି ପ୍ରଫୁଲ୍ଲ ନାଏକ, ସହ-ସମ୍ପାଦକ ପୃଥିରାଜ ବାଗ, ବରିଷ୍ଠ ସଦସ୍ୟ ଗୋପାଳ ମେହେର ଉପସ୍ଥିତ ଥିଲେ । ଅନୁଷ୍ଠାନର ତରଫରୁ ମନଭଂଜନ ମିଶ୍ରଙ୍କୁ "ପଏଁରି କଳା ସମ୍ମାନ"ରେ ସମ୍ମାନିତ କରାଯାଇଥିଲା । ଏହି ତିହାରରେ ବ୍ଲକର ଶତାଧିକ କଳାକାର ସାମିଲ୍ ହୋଇ ଲୁଚି ଯାଇଥିବା କଳାକୁ ପରିବେଷଣ କରିଥିଲେ । କଳାକାର ମାନେ ଦଣ୍ଡ, ସଂଚାର, କରମସାନି, ହଲିଆ ଗୀତ, ନଚନିଆଁ ଆଦି ସୁନ୍ଦର ଭାବରେ ପରିବେଷଣ କରିଥିଲେ । ପ୍ରଥମେ ସଂପାଦକ ଶ୍ରୀ ଚୌଧୁରୀ ବିଭାର ପଏଁରି ତିହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପରେ ଉପ-ସଭାପତି ପ୍ରଫୁଲ୍ଲ କୁମାର ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସମ୍ପାଦକ ପୃଥିରାଜ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ମହାରୁଦ୍ରମ ମହାଯଜ୍ଞ

ବାଲେଶ୍ୱର, ନ୍ୟୁଜ୍

ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତିର ପଚାଶ ବର୍ଷ ପୂର୍ତ୍ତୀ ଅବସରରେ ନୀଳଗିରି ସହରର ବାଲିଗୋହିରି ସ୍ଥିତ ରତ୍ନାକର ଟାଉନ୍ ହାଇସ୍କୁଲ୍ ପରିସରରେ ବିଶ୍ୱ କଲ୍ୟାଣ ପାଇଁ ମହାରୁଦ୍ରମ୍ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ଓଁକାର ସଙ୍କୀର୍ତ୍ତନ ନଗର ପରିକ୍ରମା କରାଯାଇଥିଲା । ସକାଳ ୮ଟାରେ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟସ୍ଥ ଶଙ୍କରାଖୁଣ୍ଟା ପୋଖରିରୁ ସତ୍ୟସାଇ ପ୍ରେମୀ ଭାଇ ଭଉଣୀ ମାନେ ୧୦୮ ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ରତ୍ନାକର ଟାଉନ୍ ସ୍କୁଲ୍ ପରିସରକୁ ନିଆଯାଇଥିଲା । ସେଠାରେ ଦ୍ୱାଦଶ ଲିଙ୍ଗରେ ଜଳାଭିଷେକ କରାଯାଇଥିଲା । ସକାଳ ୯ଟାରୁ ୧୦୮ ଜଣ ବେଦ ପାଠ କରିବା ସହ ଘୃତ ଆହୁତି ପ୍ରଦାନ କରାଯାଇଥିଲା । ହଜାର ହଜାର ସାଇ ପ୍ରେମୀ ରୁଦ୍ରମ୍ ବେଦପାଠ କରିଥିଲେ । ସକାଳ ନ ଘଣ୍ଟା ଠାରୁ ଦିନ ଏଗାର ଘଣ୍ଟା ପଇଁଚାଳିଶ ମିନିଟ୍ ପର୍ଯ୍ୟନ୍ତ ପରିବେଶ ବେଶ୍ ମଧୁମୟ ହୋଇ ଉଠିଥିଲା । ଏଗାରଟା ପଇଁଚାଳିଶରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି । ସମସ୍ତ ଅତିଥି ଅଭ୍ୟାଗତ ରୁଦ୍ରଙ୍କ ନାମ ଉଚ୍ଚାରଣ କରିଥିଲେ । ପରେ ପରେ ରାଜ୍ୟ ବେଦ ଗୁରୁ ପ୍ରବଚନ ପ୍ରଦାନ କରିଥିଲେ । ଏହାପରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଲୋକ ପ୍ରସାଦ ସେବନ କରି ବିଭୁକୃପା ଲାଭ କରିଥିଲେ । ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ବାବାଙ୍କ ୯୯ତମ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଭଦ୍ରକ ଗସ୍ତରେ ୟୁନିସେଫର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଶୂନ୍ୟ ମୃତ୍ୟୁହାର (ଜିରୋ କାଜୁଆଲିଟି)କୁ ନେଇ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚାରେ ଓଡ଼ିଶା । ବିଶେଷକରି ସାମୁଦ୍ରିକ ଝଡ଼ବାତ୍ୟା ଏବଂ ସୁନାମୀ ଭଳି ଭୟଙ୍କର ପରିସ୍ଥିତିରେ ମଧ୍ୟ ରାଜ୍ୟ ଏହି ଧାରା ବଜାୟ ରଖିବା ଘଟଣା ବିଶ୍ୱ ସମୁଦାୟ ବିଶେଷ କରି ସମୁଦ୍ର ଉପକୂଳରେ ଅବସ୍ଥିତ ଦେଶ ମାନଙ୍କୁ ବେଶ୍ ପ୍ରଭାବିତ କରିଛି । ଯାହାର ରହସ୍ୟ ଭେଦ କରିବା ଲକ୍ଷ୍ୟରେ ୟୁନିସେଫ୍‌ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭଦ୍ରକ ଗସ୍ତରେ ଆସି ଉପକୂଳବାସୀ ଏବଂ ଜିଲ୍ଲା ପ୍ରଶାସନ ସହିତ ଏନେଇ ଆଲୋଚନା କରିଛନ୍ତି । ସୋମବାର ସକାଳେ ଏନେଇ ଅଧିକ ଖୋଳତାଡ଼ କରିବାକୁ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ପ୍ରଭୃତି ଦେଶରୁ ଏକ ପ୍ରତିନିଧି ଦଳ ଭଦ୍ରକ ପହଞ୍ଚିଥିଲେ । ପ୍ରଶାସନିକ ସହଯୋଗରେ

ଏହି ଟିମ୍ ଭଦ୍ରକ ଜିଲ୍ଲାରେ ସମୁଦ୍ର ଉପକୂଳ ବାସୁଦେବପୁର ବ୍ଲକ ଗସ୍ତ କରି ଉପକୂଳର ସୁନାମୀ ଅଧୁଷିତ ସାନକୃଷ୍ଣପୁର, ବଡ଼ ହାବେଲିସାହି, ଆଙ୍ଗୁଆଁ ଏବଂ ମୋହନପୁର ଗ୍ରାମ ପରିଦର୍ଶନରେ ଯାଇଥିଲେ । ପ୍ରତିନିଧି ଦଳ ସମୁଦ୍ର ନିକଟରେ ଅବସ୍ଥିତ ଏହି ଗ୍ରାମ ଗୁଡିକର ଭୌଗଳିକ ଅବସ୍ଥିତି ଏବଂ ସୁନାମୀ ଭଳି ସାମୁଦ୍ରିକ ବିପର୍ଯ୍ୟୟ ମୁକାବିଲା କରିବାରେ ଗ୍ରାମବାସୀଙ୍କ ଦକ୍ଷତା ନେଇ ପଚାରି ବୁଝିଥିଲେ । ସମ୍ଭାବ୍ୟ ପରିସ୍ଥିତି ଆସିଲେ ଏନେଇ ଆଗୁଆ କିଭଳି ସତର୍କତା ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇ ଧନ ଜୀବନକୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ପ୍ରତିନିଧି ଦଳ ଗ୍ରାମବାସୀଙ୍କ ଶହ କଥା ହୋଇଥିଲେ । କ୍ଷେତ୍ରୀୟ ପର୍ଯ୍ୟବେକ୍ଷଣ ପରେ ଟିମ୍ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ସାମିଲ୍ ହୋଇ ଏ ବାବଦରେ ସରକାର ଏବଂ ତାଙ୍କ ଦ୍ୱାରା ପରିଚାଳିତ ପ୍ରଶାସନ ଭୂମିକା ଏବଂ ଦାଇତ ନେଇ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଏହି ଅବସରରେ ପ୍ରତିନିଧି ଦଳ ବିପର୍ଯ୍ୟୟ ପରିଚାଳନା ଦାଇତ୍ୱରେ ଥିବା ଭାରତ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା (ଏନ୍‌ଡିଆର୍‌ଏଫ) ଏବଂ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା (ଓସଡ଼ମା) ପ୍ରତିନିଧିଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ତେବେ ପ୍ରତିନିଧି ଦଳଙ୍କ ଏହି ଗସ୍ତ ବେଶ୍ ଉତ୍ସାହପ୍ରଦ ହୋଇଥିବା ନେଇ ପ୍ରତିନିଧି ଦଳ ସଦସ୍ୟ ମାନେ ମତବ୍ୟକ୍ତ କରିଛନ୍ତି । ପ୍ରତିନିଧି ଦଳରେ ଜାତିସଂଘର ମୁଖ୍ୟ ସଦସ୍ୟା ରାଧିକା ବାତ୍ରା, ୟୁନିସେଫର କ୍ଷେତ୍ରୀୟ ଅଧିକାରୀ ୱିଇଲିୟମ ହନଲୋନ, ୟୁନିସେଫର ଡିଆରଆର ସ୍ପେଶାଲିଷ୍ଟ ସରବଜୀତ ଶୋହତା, ଓଁକାର ଖାରେ, ବାଂଲାଦେଶ ୟୁଏନ୍ ପ୍ରତିନିଧି ହଷଦ କ୍ଲାଇମେଟ୍, ଜର୍ମାନୀ ପ୍ରତିନିଧି ଗୌରବ ରାୟ, ରିଲିଆନ୍ସ ଫାଉଣ୍ଡେସନ୍‌ର ବନିତା ଶର୍ମା ଏବଂ ଅନିମେଷ ପ୍ରକାଶ ଏବଂ ଶ୍ରୀଲଙ୍କାର ୟୁଏନ୍ ପ୍ରତିନିଧି ଙ୍କ ସହିତ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତିଙ୍କ ସହିତ ପ୍ରଶାସନିକ ଉଚ୍ଚ ପଦାଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନଙ୍କୁ ଶ୍ରୀରାମଚନ୍ଦ୍ର ଦାଶ ସ୍ମୃତିସମ୍ମାନ ପ୍ରଦାନ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ମାଟିର ଗର୍ବ ଓ ଗୌରବ ତଥା ପ୍ରଜ୍ଞାପୁରୁଷ ସ୍ୱର୍ଗତ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ ୧୦୬ତମ ଜୟନ୍ତୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ପରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ରବୀନ୍ଦ୍ରନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଡକ୍ଟର ଦାଶ ଏକାଧାରରେ ଜଣେ କାଳଜୟୀ ଅଧ୍ୟାପକ, ସୁସାହିତ୍ୟିକ, ଉଚ୍ଚକୋଟୀର ବାଗ୍ମୀ, ତଥା ସୁନାମଧନ

ପକ୍ଷାଭକୀୟ
30 YEARS
ସମ୍ବାଦ କାଳିକା

୬ ବର୍ଷରେ ସୁନା ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।

ତତ୍ତ୍ୱମାନଙ୍କର ସଂଖ୍ୟା ଓ ପୁରୁଷ ପ୍ରକୃତି (୨)

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରକୃତିରୁ ମହତତ୍ତ୍ୱର ବିକାଶ ହୋଇଥାଏ ଓ ସେଥିରୁ ହୁଏ ଅହଂକାରର ସୃଷ୍ଟି। ଏହିପରି ଅହଂକାର ହେଉଛି ଗୁଣମାନଙ୍କର କ୍ଷୋଭରୁ ଜାତ ହୋଇଥିବା ପ୍ରକୃତିର ବିକାର। ଅହଂକାର ତିନି ପ୍ରକାର। (୧) ବୈକାରିକ- ଏହାଦ୍ୱାରା ସତ୍ତ୍ୱଗୁଣ ସମ୍ପନ୍ନ ମନ ଓ ଇନ୍ଦ୍ରିୟମାନଙ୍କର ସୃଷ୍ଟି ହୋଇଥାଏ। (୨) ତୈଜସ- ଏଥିରୁ ଦଶ ଇନ୍ଦ୍ରିୟର ସୃଷ୍ଟି। (୩) ତାମସ- ଏଥିରୁ ପଞ୍ଚମହାଭୂତ ସହ ପାଞ୍ଚଗୋଟି ବିଷୟ ଜାତ ହୋଇଥାଏ। ଏହିପରି ଅହଂକାର ହିଁ ହେଉଛି ଅଜ୍ଞାନ ଓ ସୃଷ୍ଟି ବିବିଧତାର ମୁଖ୍ୟ କାରଣ।

ଜ୍ଞାନସ୍ୱରୂପ ହେଉଛି ଆତ୍ମା। ସେହି ଆତ୍ମାର ପ୍ରକୃତି ସହିତ କୌଣସି ସମ୍ପର୍କ ନଥାଏ। ଅସ୍ତି-ନାସ୍ତି, ସଗୁଣ-ନିର୍ଗୁଣ, ଭାବ-ଅଭାବ, ସତ-ମିଛ ଆଦି ଯେତେସବୁ ରହିଛି ସେ ସବୁର ମୂଳ କାରଣ ହେଉଛି ପ୍ରଭେଦ। ଏହି ବାଦବିବାଦର କୌଣସି ଅର୍ଥ ନଥାଏ। ତଥାପି ଯେଉଁମାନେ ଭଗବାନଙ୍କ ଶକ୍ତି ପ୍ରତି ବିମୁଖତା ଦେଖାଇଥାନ୍ତି ସେମାନେ ଏଥିରୁ ଆଦୌ ମୁକ୍ତ ହୋଇପାରିବେ ନାହିଁ।

ଏହାପରେ ଉଦ୍ଧବ ପଚାରିଲେ ହେ ଭଗବାନ! ଆପଣଙ୍କ ପ୍ରତି ବିମୁଖତା ଦେଖାଉଥିବା ସୃଷ୍ଟିର ଜୀବମାନେ ନିଜେ କରିଥିବା ପାପ-ପୁଣ୍ୟର ଫଳକୁ ନେଇ ବିଭିନ୍ନ ଯୋନୀରେ ଜନ୍ମ ନେଇଥାନ୍ତି। ଆତ୍ମା ଯେତେବେଳେ ବ୍ୟାପକ ତେବେ ତାହା ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯାଏ କିପରି? ପୁଣି କର୍ତ୍ତା ନ ହୋଇ କିପରି କର୍ମ କରେ? ପୁଣି ସର୍ବଦା ଥାଇ ମଧ୍ୟ ତାହାର ଜନ୍ମ-ମରଣ ହୁଏ କିପରି? ତେଣୁ ହେ ଗୋବିନ୍ଦ! ଆତ୍ମଜ୍ଞାନରହିତ ଏହି ବିଷୟଟିକୁ ସେମାନେ ଆଦୌ ଚିନ୍ତା କରିପାରୁନଥିବେ। ପୁଣି ଅପର ପକ୍ଷରେ ଏହି ବିଷୟରେ ଜାଣିଥିବା ପଣ୍ଡିତମାନେ ଏହି ଜଗତରେ ପ୍ରାୟ ମିଳନ୍ତି ନାହିଁ। କାରଣ ଆପଣଙ୍କ ମାୟାଦ୍ୱାରା ସମସ୍ତେ ପରିଚାଳିତ। ତେଣୁ ଏହାର ରହସ୍ୟ କ'ଣ ମୋତେ ବୁଝାଇ କୁହନ୍ତୁ।

ଏପରି ପ୍ରଶ୍ନ ଶୁଣି ଭଗବାନ ଶ୍ରୀକୃଷ୍ଣ କହିଲେ ଯେ ମନୁଷ୍ୟର ମନ ହେଉଛି କର୍ମସଂସ୍କାରମାନଙ୍କର ରହିବାର ସ୍ଥାନ। ସେପରି ସଂସ୍କାର ଅନୁସାରେ ଭୋଗ କରିବା ପାଇଁ ମନ ସହିତ ପାଞ୍ଚଗୋଟି ଇନ୍ଦ୍ରିୟ ମଧ୍ୟ ସମ୍ମିଳିତ ହୋଇଥାନ୍ତି। ଯାହାକୁ କି ଲିଙ୍ଗ ଶରୀର ଭାବରେ ବର୍ଣ୍ଣନା କରାଯାଇଥାଏ। ସେହି ଲିଙ୍ଗ ଶରୀର ନିଜ କର୍ମ ଅନୁସାରେ ଗୋଟିଏ ଶରୀରରୁ ଅନ୍ୟରେ ପ୍ରବେଶ କରିବାସହ ଗୋଟିଏ ଲୋକରୁ ଅନ୍ୟକୁ ଯାଇଥାଏ। ସେହି ଲିଙ୍ଗ ଶରୀରରେ ଆତ୍ମା ସର୍ବଦା ଅଲଗା ରହିଥାଏ ଓ ତାହା ହେଉଛି ସର୍ବବ୍ୟାପକ। ତେଣୁ ଆତ୍ମାର ଯିବାଆସିବାର ପ୍ରଶ୍ନ ନଥାଏ। କିନ୍ତୁ ଯେତେବେଳେ ଆତ୍ମା ନିଜକୁ ଲିଙ୍ଗ ଶରୀର ବୋଲି ଧରିନେଇ ସେଥିରେ ଅହଂକାରକୁ ଆରୋପ କରିଥାଏ ସେତେବେଳେ ତାହା ବି ଯିବାଆସିବା କରିବାଭଳି ଲାଗିଥାଏ। ମନ ହେଉଛି ସର୍ବଦା କର୍ମର ଅଧୀନ। ତେଣୁ ମନ ଇହ ଓ ପରଲୋକ ସମ୍ପର୍କରେ ଶୁଣିବା ବା ଦେଖିବା ଆଦି ବିଭିନ୍ନ ବିଷୟରେ ସର୍ବଦା ଚିନ୍ତାକରେ। ଯଦି ସେଥିରେ କିଛି ନୂଆ ବିଷୟ ଆସିଗଲା ତେବେ ତାକୁ ପୁରୁଣାକୁ ଭୁଲିଯିବାକୁ ପଡ଼େ ଓ ଆସିଥିବା ନୂଆ ପ୍ରତି ଆକୃଷ୍ଟ ହୋଇପଡ଼େ। ଏହିପରି ନୂତନ ବିଷୟ ପ୍ରତି ଆକୃଷ୍ଟ ହେବାବେଳେ ମନ ପୁରୁଣା ବା ପୂର୍ବର ବିଷୟଗୁଡ଼ିକୁ ଭୁଲିଯାଇଥାନ୍ତି। ପୁଣି ମନ ସର୍ବଦା ନୂଆ ବିଷୟ ଚିନ୍ତା କରେ। ଏହିପରି କରିଚାଲିଲେ ପୂର୍ବଜନ୍ମର ଶରୀର କଥା ତାହାର ଚିନ୍ତାକୁ ଆସେନାହିଁ। ତେଣୁ ଯେକୌଣସି କାରଣରୁ ନିଜର ପୂର୍ବ ଶରୀରକୁ ଭୁଲିଯିବାକୁ ହିଁ ମୃତ୍ୟୁ କୁହାଯାଏ।

ତେଣୁ ମନୁଷ୍ୟ ସ୍ୱପ୍ନାବସ୍ଥାରେ ଦେଖୁଥିବା ଶରୀର ସହିତ ମୁଁ ବା ମୋର ଆଦି ଭାବ ରଖି ସେଥିରେ ତଲ୍ଲୀନ ହୋଇଯାଏ। ଯାହାଫଳରେ ସ୍ୱପ୍ନରେ ଅନୁଭବ କରୁଥିବା ସୁଖ-ଦୁଃଖ ଭଳି ସେ ତାହା ଭୋଗ କରିଥାଏ। ଦେହକୁ ମୋର ବୋଲି ସ୍ୱୀକାର କରିବା ହିଁ ମନୁଷ୍ୟର ଧର୍ମ। ସ୍ୱପ୍ନରେ ମଜିଯାଇଥିବା ଜୀବ ଯେପରି ତାହାର ଦେଖିଥିବା ପୂର୍ବ ସ୍ୱପ୍ନର ଶରୀରକୁ ମନରେ ରଖିପାରେ ନାହିଁ ସେହିପରି ପୂର୍ବଜନ୍ମର ଶରୀର ସମ୍ପର୍କରେ ତାହାର କିଛି ମନେ ନଥାଏ। ସେ ଭାବି ନେଇଥାଏ ଯେ ନିଜେ ସ୍ୱୟଂ ଓ ଏହି ଶରୀରକୁ ନୂତନ ବୋଲି ଧରିବସେ। ଆତ୍ମା ହେଉଛି ଏକ, ଅଦ୍ୱିତୀୟ ଓ ଅଖଣ୍ଡ। ଏହାସହ କୌଣସି ପ୍ରକାରର ବାହ୍ୟ ବା ଆଭ୍ୟନ୍ତରୀଣ ପ୍ରଭେଦ ନଥାଏ। ଆତ୍ମାର ଜନ୍ମ କି ମୃତ୍ୟୁ ନାହିଁ। ମାତ୍ର ମନ ଏପରି ଭେଦ ବୁଦ୍ଧି ରଖିଥାଏ। ସେଥିପାଇଁ ଏହି ମନ ହିଁ ଏପରି ଭେଦ ବୁଦ୍ଧିର କାରଣ ବୋଲି କୁହାଯାଇପାରେ। ଇନ୍ଦ୍ରିୟମାନେ ମନର ଆଶ୍ରୟରେ ରହି ନାନା ପ୍ରକାରର କଳ୍ପନା ଜଳ୍ପନା ଇତ୍ୟାଦି କରିଥାନ୍ତି। ସେହି ମନ ହେତୁ ହିଁ ଆତ୍ମାର ଜନ୍ମ, ସ୍ଥିତି ଓ ମୃତ୍ୟୁ ହେଉଥିବା ଜଣାପଡ଼େ। ମନ ସତ୍ତ୍ୱଗୁଣ ଯୁକ୍ତ ହୋଇଥିଲେ ମଧ୍ୟ ନାନା ପ୍ରକାରର ସଙ୍କଳ୍ପ ଓ ବିକଳ୍ପ ଆଦି ଇନ୍ଦ୍ରିୟମାନଙ୍କୁ ବିକ୍ଷୁବ୍ଧ କରିଦେବା ସହିତ ନିଜେ ପଥଭ୍ରଷ୍ଟ ହୋଇ ଘୂରିବୁଲେ।

କାଳର ଗତି ଏତେ ସୂକ୍ଷ୍ମ ଯେ ତାହାକୁ ଦେଖିହୁଏ ନାହିଁ। ସେହି ଗତି ଅନୁସାରେ ଶରୀରର ଉତ୍ପତ୍ତି ଓ ବିନାଶ ମଧ୍ୟ ହୋଇଥାଏ। କାଳର ସେପରି ଗତିକୁ କେହି ଦେଖିପାରି ନଥାନ୍ତି ଓ ତାହାରି ପ୍ରଭାବରେ ନଦୀର ପ୍ରବାହ ଓ ବୃକ୍ଷରେ ଧରୁଥିବା ଫଳପୁଷ୍ପର ଅବସ୍ଥା ମଧ୍ୟ ସେହିପରି ହେଉଛି। ଦୀପର ବର୍ତ୍ତମାନର ଜ୍ୟୋତି, ନଦୀ ପ୍ରବାହର ଜଳକୁ ଦେଖି ତାହା ସେହି ପୂର୍ବର ଜ୍ୟୋତି ବା ଜଳ ବୋଲି କହିବା ଯେପରି ଭୁଲ, ବ୍ୟର୍ଥ ଜୀବନ କଟାଉଥିବା ଅବିବେକୀ ମନୁଷ୍ୟ ଅନ୍ୟକୁ ଦେଖି ସେ ସେହି ପୁରୁଷ ବୋଲି ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଆତ୍ମାର କୌଣସି ଜନ୍ମ ବା ମୃତ୍ୟୁ ହୋଇ ନଥାଏ। ସେପରି ଜନ୍ମ ଏବଂ ମରଣ ଅଛି ବୋଲି ଭାବିବାଟା ବି ଭ୍ରମ। କାରଣ ଆତ୍ମା ଅମର। ଉଦାହରଣ ସ୍ୱରୂପ କାଠ ଓ ଜାଳେଣି ଦ୍ରବ୍ୟର ସଂଯୋଗରେ ଅଗ୍ନି ଜଳିବା ପରି ଦେଖାଯାଏ। ମାତ୍ର ଅଗ୍ନିତତ୍ତ୍ୱ ସର୍ବବ୍ୟାପକ। କାଠ ଜଳିବା ଓ ଲିଭିଯିବାଦ୍ୱାରା ଅଗ୍ନିତତ୍ତ୍ୱରେ କୌଣସି ପ୍ରଭାବ ପଡ଼ିନଥାଏ। ଠିକ୍ ସେହିପରି ଆତ୍ମାର ଜନ୍ମ-ମୃତ୍ୟୁ ନାହିଁ। ମାତ୍ର ଭ୍ରମବଶତଃ ଅଜ୍ଞାନମାନଙ୍କୁ ତାହା ଅଛି ବୋଲି ଜଣାପଡ଼େ।

ଗର୍ଭାଧାନ, ତାହାର ବୃଦ୍ଧି, ଜନ୍ମ, ବାଲ୍ୟ, କୈଶୋର, ଯୌବନ, ପ୍ରୌଢ଼, ବାର୍ଦ୍ଧକ୍ୟ ଓ ମୃତ୍ୟୁ ଆଦି ଶରୀରର ନଅଟି ଅବସ୍ଥା ଥାଏ। ଶରୀର ଜୀବଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏହି ବୃଦ୍ଧି ଓ କ୍ଷୟ ଅବସ୍ଥା ତାହା ମନର କଳ୍ପିତ। କିନ୍ତୁ ଅଜ୍ଞାନତା ହେତୁ ଗୁଣମାନଙ୍କୁ ଧରିଥିବାରୁ ଜୀବ ଏସବୁ ଅବସ୍ଥାକୁ ନିଜର ଅବସ୍ଥା ଭାବି ବ୍ୟସ୍ତ ହେବାସହ ଯେତେବେଳେ ମନରେ ତାର ବିବେକତା ଆସେ ସେ ସବୁକୁ ଛାଡ଼ିଦେଇ ଥାଏ। ପୁତ୍ରର ଜନ୍ମ ହେବାପରେ ପିତା ଓ ସେହି ପିତାର ମୃତ୍ୟୁ ଦେଖି ପୁତ୍ରର ଅନୁମାନ କରିଯିବା ଉଚିତ ଯେ ଜନ୍ମ-ମୃତ୍ୟୁକୁ ଦେଖୁଥିବା ଦ୍ରଷ୍ଟାର ତାହା ହୋଇନଥାଏ। ଜନ୍ମ ଓ ମୃତ୍ୟୁକୁ ଆତ୍ମା ଜାଣିଥାଏ। ତେଣୁ ସେ ନିଜେ ସେପରି ଶରୀର ନୁହେଁ ଓ ସେଥିରୁ ସମ୍ପୂର୍ଣ୍ଣ ପୃଥକ୍ ଥାଏ। ଉଦ୍ଭିଦର ଅଙ୍କୁରୋଗଦମ ଅବସ୍ଥା ପରି ତାହାର ଚରମ ପରିଣତି ଅର୍ଥାତ୍ ଶୁଖି ଶୁଖି ମରିଯିବା ଅବସ୍ଥାରୁ ଜ୍ଞାନୀଜନମାନେ ତାହାର ଜନ୍ମ ଓ ମୃତ୍ୟୁକୁ ଦେଖିଥାନ୍ତି। ସେପରି ବୃକ୍ଷର ଉଦ୍ଭଯାବସ୍ଥା ଦେଖୁଥିବା ବ୍ୟକ୍ତି ଯେପରି ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏହି ଶରୀରର ଜନ୍ମ-ମୃତ୍ୟୁକୁ ଦେଖୁଥିବା ତତ୍ତ୍ୱ ମଧ୍ୟ ସେହିଭଳି। ତେଣୁ ଆତ୍ମାର ଜନ୍ମ ବା ମୃତ୍ୟୁ ନଥାଏ। ପ୍ରକୃତି ଏବଂ ଆତ୍ମାକୁ ଅଜ୍ଞାନଲୋକମାନେ ଏଭଳି ତାତ୍ତ୍ୱିକ ରୂପରେ ବିଚାରକୁ ନିଅନ୍ତି ନାହିଁ। ଇନ୍ଦ୍ରିୟଜନିତ ସୁଖ ଭୋଗକୁ ହିଁ ସତ୍ୟ ବୋଲି ଭାବି ସେଥିରେ ଆସକ୍ତ ହୋଇପଡ଼ିବା ଫଳରେ ଜନ୍ମ-ମୃତ୍ୟୁ ଚକ୍ରରେ ସେମାନେ ଘୂରି ବୁଲୁଥାନ୍ତି। କର୍ମ ଅନୁସାରେ ଜନ୍ମ-ମୃତ୍ୟୁ ଚକ୍ରରେ ପଡ଼ି ଘୂରିବୁଲୁଥିବା ଅବିବେକୀ ଜୀବ ସାତ୍ତ୍ୱିକ କର୍ମରେ ଋଷି ଓ ଦେବଲୋକ, ରାଜସିକ କର୍ମରେ ମାନବ ଓ ଅସୁର ଓ ତାମସିକ କର୍ମରେ ଆସକ୍ତି ରଖିଲେ ଭୂତ-ପ୍ରେତ ବା ପଶୁପକ୍ଷୀ ଯୋନୀ ଆଦିରେ ଜନ୍ମ ନେବାକୁ ପଡ଼ିଥାଏ। କେହି ନାଚିବା ବା ଗାଇବା ଦେଖିଲେ ଯେପରି ତାକୁ ଅନୁକରଣ କରି ସେପରି ବିଦ୍ୟାକୁ ଆୟତ କରାଯାଇଥାଏ ଜୀବ ସେପରି ଶରୀରର ଗତିବିଧି ଦେଖି ଓ ନିଜର ବୁଦ୍ଧିଦ୍ୱାରା ବିଚାର କରି ସେ ସବୁକୁ ଅନୁକରଣ କରିବାକୁ ବାଧ୍ୟ ହୋଇଥାଏ। ନଦୀ ବା ପୁଷ୍କରିଣୀର ଜଳ ଚହଲିଲେ ସେଥିରେ ପ୍ରତିବିମ୍ବିତ ହୋଇଥିବା ବୃକ୍ଷର ଛାୟା ଯେପରି ହଲିଲା ପରି ଦେଖାଯାଏ ସେହିପରି ମନରେ ଭାବିଥିବା ଅର୍ଥାତ ସ୍ୱପ୍ନରେ ଭୋଗ୍ୟ ପଦାର୍ଥ ସର୍ବଦା ମିଥ୍ୟା ହୋଇଥାଏ। ତେଣୁ ଆତ୍ମାର ବିଷୟାନୁଭବ ରୂପର ସଂସାର ବି ସେହିପରି ଅସତ୍ୟ। ନିତ୍ୟ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ହେଉଛି ଆତ୍ମା। ସ୍ୱପ୍ନରେ ଦେଖାଯାଉଥିବା ବିପଦ ଆପଦ ଆଦି ଜାଗ୍ରତ ନହେବା ପର୍ଯ୍ୟନ୍ତ ଜାଣିହୁଏ ନାହିଁ। ସେହିଭଳି ବିଷୟ ଚିନ୍ତା କରୁଥିବା ଜୀବ ସେ ସବୁ ସତ୍ୟ ହୋଇନଥିଲେ ମଧ୍ୟ ଜନ୍ମ-ମୃତ୍ୟୁ ରୂପକ ସଂସାର ଚକ୍ରରେ ପଡ଼ି ସେଥିରୁ କେବେହେଲେ ନିବୃତ୍ତ ହୋଇ ନଥାଏ। ତେଣୁ ସଦା ଅତୃପ୍ତ ଇନ୍ଦ୍ରିୟମାନଙ୍କଦ୍ୱାରା କଦାପି ବିଷୟ ଭୋଗର ଚିନ୍ତା କରନାହିଁ। ଆତ୍ମାର ପ୍ରକୃତ ସ୍ୱରୂପ ଜାଣିନଥିଲେ ମଧ୍ୟ ସୁଖ-ଦୁଃଖ ଆଦି ବିବିଧ ଅନୁଭୂତି ଲାଭ କରିଥାଏ। ତେଣୁ ସେପରି ଭାବନାକୁ ଦୂର କରିବାକୁ ହେବ। ଏହିପରି ଅନୁଭୂତି ଆତ୍ମାରେ କେବଳ ପ୍ରତିବିମ୍ବିତ ହୋଇଥାଏ। ମାତ୍ର ତାହା କେବଳ ଭ୍ରମାତ୍ମକ ଓ ମାୟାଯୁକ୍ତ। ଅସାଧୁ ପୁରୁଷ ତୁମକୁ ଅପମାନ ଦେବାପାଇଁ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସେଥିରେ କୌଣସି ପ୍ରକାରର କ୍ଷୁବ୍ଧ ହେବା ଉଚିତ ନୁହେଁ। କାରଣ ସେ ଅଜ୍ଞାନ। ପରମାର୍ଥ ଯେ କ'ଣ ତାହା ତାକୁ ଜଣାନାହିଁ। ତେଣୁ ଯେଉଁମାନେ ନିଜର କଲ୍ୟାଣ ଚାହାନ୍ତି ସେମାନେ ନିଜର ବିବେକଦ୍ୱାରା ସବୁ କଠିନ ସମସ୍ୟାରୁ ରକ୍ଷା ପାଇବାକୁ ଚେଷ୍ଟା କରିବା ଉଚିତ। ତେଣୁ ଆତ୍ମଦୃଷ୍ଟି ହିଁ ସମସ୍ତ ପ୍ରକାର ବିପତ୍ତିରୁ ରକ୍ଷା ପାଇବାର ଏକମାତ୍ର ଉପାୟ। ଉଦ୍ଧବ କହିଲେ, ହେ ଭଗବାନ! ଆପଣ ହେଉଛନ୍ତି ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ। ଦୁର୍ଜନମାନଙ୍କର ତିରସ୍କାର, ଅପମାନ ଓ ଅତ୍ୟାଚାରକୁ ସହି ହୁଏନାହିଁ। ତେଣୁ ଆପଣ ଯାହା କହିଲେ ତାହାକୁ ଯେପରି ଭଲରେ ବୁଝିପାରିବା ସହ ଜୀବନରେ ପାଳନ କରିପାରିବି ମୋତେ ସେପରି ବୁଝାଇ ଦିଅନ୍ତୁ। ତେଣୁ ହେ ବିଶ୍ୱାତ୍ମା! ପ୍ରକୃତି ହେଉଛି ସବୁଠାରୁ ବଡ଼ ବଳବାନ। ବିଦ୍ୱାନମାନଙ୍କୁ ମଧ୍ୟ ତାହା କ୍ଷୁବ୍ଧ କରିଦିଏ। ଯେଉଁମାନେ ଆପଣଙ୍କର ଶରଣ ନେଇଥାନ୍ତି ସେମାନେ ଶାନ୍ତ ପୁରୁଷ ଓ କେବଳ ସେମାନେ ହିଁ ଏଭଳି ପ୍ରକୃତିକୁ ହିଁ ଜିଣିପାରିବେ।

ଯାଯାବରର ଡାଇରୀ-୬୨

(ଦ୍ୱିତୀୟ ବିଦେଶ ଯାତ୍ରା)

ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ
ଆରଚିଡ ରୟାଲ
ଆପାର୍ଟମେଣ୍ଟ, ନାଗେଶ୍ୱର
ଟାଙ୍ଗୀ, ଭୁବନେଶ୍ୱର
ମୋ-୯୪୩୯୭୧୯୮୫୭

ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ। କବିବର ରାଧାନାଥ ରାୟଙ୍କ ଚିଲିକା ଦର୍ଶନ' ପରି ଯୁକ୍ତରାଷ୍ଟ୍ର ଅମେରିକାର ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ ନର୍ଥକାରୋଲିନା ରାଜ୍ୟର ମନୋରମ ଦୃଶ୍ୟ ମୋତେ ମନ୍ତ୍ର ମୁଗ୍ଧ କରି ଅତୀତର ସ୍ମୃତିକୁ ଜାଗ୍ରତ କରାଉଥିଲା ୨୦୧୭ ଓ ୨୦୨୪, ପ୍ରଥମ ଓ ଦ୍ୱିତୀୟ ଯାତ୍ରାରେ ତଫାତ୍ ଥିଲା ଏତିକି, ପ୍ରଥମ ଅନୁଭୂତିର ଚରାଭୂମି ଥିଲା, ଯୁକ୍ତରାଷ୍ଟ୍ର ଆମେରିକାର ବିଶାଳ ଆପାଲାଚେନ୍ ପର୍ବତ ମାଳାର ପୂର୍ବପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଫିଲାଡେଲ୍‌ଫିଆ, ନ୍ୟୁଜର୍ସୀ, ଫ୍ଲୋରିଡା, ଚାରଲେଟ୍, ଜର୍ଜିଆ, ଜାକ୍‌ସନ୍ ଭିଲ୍ଲୁ, ଓରଲାଣ୍ଡୋ, ସାଉଥ କାରୋଲିନା, ଟାମ୍ପା ଓ କିଛି ଛୋଟ, ବଡ ଦ୍ୱୀପପୁଞ୍ଜ। ଅଥଚ ଦ୍ୱିତୀୟ ଯାତ୍ରା ଆବଦ୍ଧ ଥିଲା, ଆପଲାଚେନ୍ ପର୍ବତ ମାଳାର, ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ୱାସିଂଟନ, ମେରୀଲ୍ୟାଣ୍ଡ ଭିର୍ଜିନିଆ, କ୍ୟାରୀ, ଚାପେଲ ହିଲ୍ ଓ ଦେଶର ପ୍ରାଚୀନତମ ରାଜ୍ୟ ନର୍ଥକାରୋଲିନାରେ। ଗାଡି ଯେତେ ଦୂର ଆଗେଇ ଯାଉଥାଏ ମନ ଉଦ୍‌ବିଗ୍ନ ହୋଇ ପଡୁଥାଏ ନାତୁଣୀ ଗୁଡୁ (ଆଦ୍ୟା) ନିକଟରେ ପହଞ୍ଚିବା ପାଇଁ। ଅନ୍ୟପଟରୁ ମଧ୍ୟ ବାରମ୍ବାର ଫୋନ୍ ଆସୁଥାଏ ସୁକନ୍ୟା ଓ ଗୁଡୁର। ପାଖେଇ ଆସିଲା ନର୍ଥକାରୋଲିନା ରାଜ୍ୟର ଚାପେଲ ହିଲ୍ ସହର। ଘର ସାମନାରେ ଆମକୁ ସ୍ୱାଗତଂ ଜଣାଇବା ପାଇଁ ଅପେକ୍ଷା କରି ଥାଆନ୍ତି ସୁକନ୍ୟା ଓ ଆଦ୍ୟା।

ଚାପେଲ ହିଲ୍ ପରି ଏକ ସୁନ୍ଦର ସହରରେ, ଆମର ଘର। ପୃଥିବୀର ଅପର ପାର୍ଶ୍ୱରେ , ପ୍ରଭୁ ଆମ ପାଇଁ, ଏପରି ଗୋଟିଏ ସୁଦୃଶ୍ୟ ଘର ନିର୍ମାଣ କରିବେ, ତାହା ମୋର କଳ୍ପନାର ବାହାରେ ଥିଲା। ପାଇନ୍ କାଠରେ ନିର୍ମିତ ଦୁଇ ମହଲା ବିଶିଷ୍ଟ ଘରଟିର ଚତୁର୍ଦ୍ଦିଗରେ ନର୍ଥକାରୋଲିନାର ଜାତୀୟ ପୁଷ୍ପ ଲତାରେ ପରିପୂର୍ଣ୍ଣ ପରିବେଶ ମୁନିଋଷି ମାନଙ୍କର ଆଶ୍ରମ ତୁଲ୍ୟ ମନେହେଉଥାଏ। ମନେପଡୁଥାଏ ଅତୀତ ଜୀବନର କଥା। ମୋର ମନୋଭାବ ଦେଖି ସୁଜିତ୍ କହିଲା, ବାବା, ଦୁଇ ଦିନ ହେଲା ଠିକ୍ ଭାବେ ଖିଆପିଆ କରିନ। ସୁକନ୍ୟା ତୁମ ମାନଙ୍କ ପାଇଁ ଖାଇବା ପ୍ରସ୍ତୁତ କରି ରଖିଛି। ନିତ୍ୟକର୍ମ ସାରି ଖିଆପିଆ କର, ରାତିରେ ବସି ଟ୍ରାଭେଲ୍ ପ୍ଲାନ୍ କରିବା।

ସବୁଜ ବନାନୀ, ସ୍ୱଚ୍ଛ ପାଣି, ପବନ ଓ ଆଲୁଅର ସ୍ୱତନ୍ତ୍ରତା ବହନ କରୁଥିବା, ଆମେରିକାର ଅନ୍ୟତମ ପ୍ରମୁଖ ରାଜ୍ୟ ନର୍ଥକାରୋଲିନାର ଚାପେଲ ହିଲ୍ ଉପରେ ଗଢି ଉଠିଥିବା କ୍ଷୁଦ୍ର ଅଥଚ

ସ୍ୱାମୀ-ସ୍ତ୍ରୀ ଅଲଗା ହେଉଥିଲେ ମଧ୍ୟ ରଖନ୍ତୁ ଶାଳୀନତା

କୌଣସି ସମ୍ପର୍କ ତୁଟିବା ବେଳେ ମନରେ କୋହ ସହ ପାଟିରେ ଅଭିଯୋଗ ନିଶ୍ଚୟ ରହିଥାଏ । ଏସବୁ ରହିବା ମଧ୍ୟ ସ୍ୱାଭାବିକ । କିନ୍ତୁ ପରସ୍ପର ମଧ୍ୟରେ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଝଗଡାଝାଟି କରିବା ଆଦୌ ସମୀଚୀନ ନୁହେଁ । ଯଦି ସମ୍ପର୍କରେ ସମସ୍ୟା ରହିଛି, ତେବେ ଅଲଗା ହେବା ଭୁଲ୍ ନୁହେଁ । ତଥାପି ଏହି ସମୟରେ ଶାଳୀନତା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ।

କୌଣସି ସମ୍ପର୍କ ତୁଟିବା ଖୁବ୍ ଯନ୍ତ୍ରଣାଦାୟକ । ବହୁ ସମୟରେ ମନ ନ ମିଶିବା କାରଣରୁ ସମ୍ପର୍କରେ ଫାଟ ଆସିଥାଏ । ମନ ନ ମିଶିବା ଓ ମତଭେଦ ଯୋଗୁ ଅନେକ ସମ୍ପର୍କରେ ଅଲଗା ହେବା ପରି ସ୍ଥିତି ଉପୁଜିଥାଏ। ସମ୍ପର୍କ ଯାହା ହେଉନା କାହିଁକି ଯେତେବେଳେ ଅଲଗା ହେବାର ଚିନ୍ତା ଆସେ ମନ ଭିତରେ ଅନେକ ଖରାପ ଅନୁଭବ ବାରମ୍ବାର ଆସିଥାଏ । ଫଳରେ ଉଭୟଙ୍କ ମନରେ ହତାଶ ଭାବ ସହ ଅନ୍ୟଜଣକ ପ୍ରତି କଠୋର ମନୋଭାବ ଆସିଥାଏ । ଉଭୟଙ୍କ ଭିତରେ କଥାବାର୍ତ୍ତା କମିବା ସହ ଲଢେଇ ଓ ଝଗଡା ବଢିଥାଏ । ଏହି ସ୍ଥିତିରେ ଯଦି ମଧ୍ୟସ୍ଥତା କରିବା ପାଇଁ ଉଭୟଙ୍କ ପରିବାର ସଦସ୍ୟ ସାମିଲ୍ ହୋଇଥାନ୍ତି, ତେବେ ସମ୍ପର୍କ ଆହୁରି ବିଗିଡି ଯାଇଥାଏ । କାରଣ ଏହି ମିଟିଂ ଅତୀତକୁ ତାଜା କରିଥାଏ । ଫଳରେ ପରସ୍ପରକୁ ଦୋଷାରୋପ କରିବାକୁ ସୁଯୋଗ ମିଳିଥାଏ ।

ଅଲଗା ହେବା ଯେତେ ଦୁଃଖ ଦେଇଥାଏ, ତା'ଠାରୁ ଅଧିକ ଯନ୍ତ୍ରଣା ଦେଇଥାଏ ସାଥୀ ଦ୍ୱାରା ପ୍ରୟୋଗ କରାଯାଉଥିବା ଅପଶବ୍ଦ । ଅନେକ ଦମ୍ପତି ଅଲଗା ହେବା ସମୟରେ ସମାଜ ଆଗରେ ଘରର ମାନସମ୍ମାନ ଓ ଲୋକଲଜ୍ଜାକୁ ଭୁଲି ବିଭିନ୍ନ ଡ୍ରାମା କରିଥାନ୍ତି । ଏଭଳି ଅପ୍ରୀତିକର ପରିସ୍ଥିତିରୁ ରକ୍ଷା ପାଇବା ପାଇଁ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଉଚିତ୍ । ନିଜ ସାଥୀ ପ୍ରତି ସମ୍ମାନ ରଖନ୍ତୁ । ବିଶେଷକରି ଯେତେବେଳେ ଅଲଗା ହେବା ପାଇଁ ନିଷ୍ପତି ଉଭୟଙ୍କ ପକ୍ଷରୁ ନିଆଯାଇଛି । ଅନ୍ୟ ଆଗରେ ସାଥୀକୁ ଖରାପ କହିବା, ଦୋଷ ଲଦିବା ଓ ମୁଁ ଭଲ ଆଦି କହିବା ଉଚିତ୍ ନୁହେଁ । ଏପରି କରିବା ଦ୍ୱାରା ସାଥୀକୁ ଦୁଃଖ ପହଞ୍ଚିବା ସହ ଆପଣ ମଧ୍ୟ ଭୁଲ୍ ପ୍ରମାଣିତ ହୋଇଥାନ୍ତି । ଯେତେବେଳେ ଦୁଇ ଜଣ ଅଲଗା ହେବା କଥା ସ୍ଥିର କରି ସାରିଥାନ୍ତି । ସେତେବେଳେ ଉଭୟ କିଭଳି ଅଲଗା ହେବା ଉଚିତ୍ । ସେ ବିଷୟରେ କଥା ହେବା ଆବଶ୍ୟକ । ଆଇନ ଦିଗକୁ କେମିତି ନିୟନ୍ତ୍ରଣ କରିହେବ, ଆର୍ଥିକ ଦିଗ କେମିତି ରହିବା ଉଚିତ୍, ଘର ଓ ଆବଶ୍ୟକ ଜିନିଷ କେମିତି ବଣ୍ଟାଯିବ । ତାହା ସ୍ଥିର କରି ନିଅନ୍ତୁ। ଏହି କଥାବାର୍ତ୍ତା ସମୟରେ ନିଜ ଭାବନା ଉପରେ କାବୁ ରଖିବା ଜରୁରି। ଏହି କଥାବାର୍ତ୍ତା ସମୟରେ ଝଗଡା କରିବା ଓ ଗାଳିଗୁଲଜ କରିବା ପରସ୍ପରଙ୍କୁ କଷ୍ଟ ଦେଇଥାଏ । ଯଦି ସୋଡିଆଲ୍ ମିଡିଆରେ ପରସ୍ପରଙ୍କୁ ଫଲୋ କରୁଥାନ୍ତି, ତେବେ ଅଲଗା ହେବା ସମୟରେ ଅନ୍‌ଫଲୋ କରି ଦେବା ଉଚିତ୍ । କାରଣ ହୃଦୟ ଭାଙ୍ଗିବା ପରେ ମନରେ ପ୍ରତିଶୋଧ ନେବାର ଭାବନା ଜାତ ହୋଇଥାଏ । ଏହି ଭାବନା ଜଣକୁ ଅନ୍ୟଜଣକ ପ୍ରତି ହିଂସ୍ର ହେବାକୁ ବାଧ୍ୟ କରି ଦେଇଥାଏ। ପ୍ରାୟତଃ ଦେଖାଯାଏ ସମ୍ପର୍କ ଭାଙ୍ଗିବା ପରେ ଜଣେ ଅନ୍ୟଜଣକୁ ଅନ୍‌ଫଲୋ କରିବା ପରେ ମଧ୍ୟ ଫେକ୍ ଆକାଉଣ୍ଟ କରିଆରେ ପୁନଃ ସମ୍ପର୍କ ଯୋଡ଼ିଥାନ୍ତି। ଏପରି କରିବା ଅନୁଚିତ୍ । ଯଦି କେହି ଆପଣଙ୍କ ସମ୍ପର୍କ ବିଷୟରେ କିଛି ପଚାରୁଛନ୍ତି, ତେବେ ତୁରନ୍ତ ରାଗିଯିବା କିମ୍ବା ଏହ୍ନଙ୍କ ବିଷୟରେ ଏଣୁତେଣୁ କିଛି କହିଦେବା ଅନୁଚିତ୍। ନଚେତ୍ ଲୋକ ଆପଣଙ୍କ କଥାକୁ ବଢାଇଚଢାଇ ଅନ୍ୟ ଆଗରେ ଉପସ୍ଥାପନ କରିପାରନ୍ତି । ଫଳରେ ଆପଣ ଓ ଏହ୍ନଙ୍କର ହିଁ ବଦ୍‌ନାମୀ ହୋଇଥାଏ । ଯଦି ବିବାହ ଓ ସନ୍ତାନ ହେବା ପରେ ଅଲଗା ହେଉଥାନ୍ତି, ଯଦି ୨ଟି ପିଲା ରହିଥାନ୍ତି ଉଭୟଙ୍କୁ ନିଜ ସହ ନେବାକୁ ଚେଷ୍ଟା କରନ୍ତୁ । ପିଲାଙ୍କ ଦାୟିତ୍ୱ ନେବା ବେଳେ ଅବହେଳା କରନ୍ତୁନି । କାରଣ ଏହା ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଓ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ପିଲାଙ୍କ ଆଗରେ ପରସ୍ପରକୁ ଗାଳି ମଧ୍ୟ ଦିଅନ୍ତୁନି । ପରସ୍ପରଙ୍କ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କୁ ଫୋନ୍ କରି ସାଥୀଙ୍କ ବିରୋଧରେ ଏଣୁତେଣୁ କହିବା ଅନୁଚିତ୍ । କାରଣ ଏଭଳି ମନ୍ତବ୍ୟ କୋର୍ଟରେ ଆପଣଙ୍କ ବିରୋଧରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରେ । ଅଲଗା ହେବାର ନିଷ୍ପତ୍ତି କେହି ବି ନିଅନ୍ତୁ । କିନ୍ତୁ ସାଥୀଙ୍କ ଆଗରେ କାରଣ ନିଶ୍ଚୟ କୁହନ୍ତୁ । ଯଦି କିଛି କାରଣ ନ ଦର୍ଶାଇ ଅଲଗା ହେବାର ନିଷ୍ପତ୍ତି ନିଅନ୍ତି, ତେବେ ସାଥୀଙ୍କର ଅପମାନ ହୋଇଥାଏ ।ଯେକୌଣସି କାରଣରୁ ଅଲଗା ହେବାର ନିଷ୍ପତ୍ତି ନେଇଥାନ୍ତୁ ନା କାହିଁକି ପରସ୍ପରଙ୍କୁ ଦୋଷାରୋପ ଓ ଅପଶବ୍ଦ ପ୍ରୟୋଗ କରନ୍ତୁନି । ନଚେତ୍ ସାଥୀକୁ ହିଂସ୍ର ହେବାକୁ ବାଧ୍ୟ କରିପାରନ୍ତି । ବରଂ ଓକିଲ ଜରିଆରେ କଥା ହୁଅନ୍ତୁ । ଯଦି ପେସାଗତ ସାହାର୍ଯ୍ୟ ନେଇପାରୁ ନାହାନ୍ତି, ତେବେ ସାଙ୍ଗସାଥୀ ବା ସମ୍ପର୍କୀୟଙ୍କ ସହଯୋଗ ନିଶ୍ଚୟ ନିଅନ୍ତୁ। ଯିଏ ଉଭୟ ସମ୍ପର୍କ ଭିତରେ ନିରପେକ୍ଷତା ରକ୍ଷା କରିପାରିବେ । ଅନ୍ୟକୁ ମଧ୍ୟସ୍ଥତା କରାଇ ଆର୍ଥିକ, ପିଲାର ଦାୟିତ୍ୱ, ସମ୍ପତ୍ତି, ବ୍ୟାଙ୍କ୍ ଆକାଉଣ୍ଟ ଆଦିର ନିର୍ଣ୍ଣୟ କରିନିଅନ୍ତୁ।

୪୦ ପରେ ମହିଳାଙ୍କ ପାଇଁ ସୁପରଫୁଡ ସଜନା

୪୦ ବର୍ଷ ଅତିକ୍ରମ କରିବା ପରେ ମହିଳାଙ୍କଠାରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ । ପୁରୁଷ ଓ ମହିଳା ଉଭୟଙ୍କର ସ୍ୱାସ୍ଥ୍ୟ ଆବଶ୍ୟକତା ଭିନ୍ନ ଭିନ୍ନ । ଯେପରିକି ପୁରୁଷଙ୍କ ପ୍ରମୁଖ ଚିନ୍ତା ପ୍ରୋଷ୍ଟେଟ୍, ହୃଦୟ ଓ ଟେଷ୍ଟୋଷ୍ଟେରନ୍ ସ୍ତରକୁ ନେଇ ହୋଇଥାଏ । କିନ୍ତୁ ମହିଳାଙ୍କ ସମସ୍ୟା ଅନିୟମିତ ଋତୁସ୍ରାବ, ଅଷ୍ଟିଓପୋରୋସିସ୍ କିମ୍ବା ପ୍ରଜନନ ସହ ଆହୁରି ଅନେକ ଚ୍ୟାଲେଞ୍ଜ । ପୋଷକ ତତ୍ତ୍ୱରେ ଭରା ଅନେକ ପ୍ରକାରର ପ୍ରାକୃତିକ ଜିନିଷ ବିଷୟରେ ଆପଣ ଶୁଣିଥିବେ । କିନ୍ତୁ ସଜନା ବିଷୟରେ ଜାଣନ୍ତି କି ? ସଜନାର ବହୁ ଉପକାରୀ ଗୁଣ ରହିଛି । ସେଥିପାଇଁ ତ ସଜନାକୁ ୪୦ ପରେ ମହିଳାଙ୍କ ସୁପରଫୁଡ୍ ବୋଲି କୁହାଯାଏ । ଭିଟାମିନ୍ ଏବଂ ମନେରାଲ୍‌ରେ ଭରା: ସଜନା ଶାଗ ବା ପାଉଡର ଭିଟାମିନ୍ସ ଓ ମିନେରାଲ୍ସରେ ଭରା ପ୍ରାକୃତିକ ଉପାଦାନ। ଏହା ପ୍ରୋଟିନ୍, ଆଇରନ୍, କ୍ୟାଲ୍‌ସିୟମ୍, ମ୍ୟାଗ୍‌ନେସିୟମ୍, ଭିଟାମିନ୍-ସି, ବି ଓ ପୋଟାସିୟମ୍‌ରେ ସମୃଦ୍ଧ । ଜଳ ପ୍ରତିରୋଧକ: ଏହା ଜଳ ପ୍ରତିରୋଧକ ଭାବେ କାମ କରିଥାଏ। ଓଜନ କମାଇବାର ଭଲ ବିକଳ୍ପ । ଏକ ପ୍ରାକୃତିକ ମୁତ୍ରବର୍ଦ୍ଧକ । ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ ସଜନା । କେଶ ଓ ତ୍ୱଚା ପାଇଁ: ସଜନା ପାଉଡର ଭିଟାମିନ୍ ଇ, ବି, ଏ ଏବଂ ଜିଙ୍କ୍‌ରେ ଭରା । ଏସବୁ ପୋଷକ ତତ୍ତ୍ୱ କେଶ ଓ ତ୍ୱଚା ପାଇଁ ଖୁବ୍ ଉପକାରୀ ।

ପିସିଓଡି ସମସ୍ୟା ପାଇଁ: ଇନସୁଲିନ୍ ପ୍ରତିରୋଧରୁ ରକ୍ଷା କରିଥାଏ । ପିସିଓଡି ଆଜିକାଲି ପ୍ରାୟ ମହିଳାଙ୍କ ପ୍ରମୁଖ ସମସ୍ୟା ହୋଇପଡିଛି । ଏମାନଙ୍କ ପାଇଁ ସଜନା ଭଲ ବିକଳ୍ପ । ମେନୋପଜ୍‌ର ଲକ୍ଷଣ କମ୍ କରେ: ମେନୋପଜ୍ ଲକ୍ଷଣକୁ କମ୍ କରିଥାଏ ସଜନା ପାଉଡର । କାରଣ ଏହା ଆଇରନ୍, କ୍ୟାଲସିୟମ୍, ଭିଟାମିନ୍-ଏ ଓ ଭିଟାମିନ୍-ସି'ରେ ଭରା, ଯାହା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିଥାଏ। ହାଡ଼କୁ ମଜଭୁତ କରେ: ସଜନା କ୍ୟାଲସିୟମ୍ ଓ ଫସ୍‌ଫରସ୍‌ରେ ଭରା। ତେଣୁ ଏହା ଅଷ୍ଟିଓପୋରୋସିସ୍‌କୁ ରୋକିବାରେ ସହଯୋଗ କରିଥାଏ ।

ଚିନ୍ତାକୁ ଦୂରାଏ: ସଜନା ପାଉଡର ମୁଡ୍‌ରେ ସୁଧାର ଆଣିବା ସହ ଚିନ୍ତାଠାରୁ ଦୂରେଇ ରଖେ । ମ୍ୟାଗ୍‌ନେସିୟମ୍, ଭିଟାମିନ୍ ଏ,ବି,ସି,ଇ, ଓ ପୋଟାସିୟମ୍‌ରେ ଭରା ।

ହୃଦରୋଗ ଭଳି ଅନ୍ୟାନ୍ୟ ଗମ୍ଭୀର ରୋଗ ଆଶଙ୍କା ହ୍ରାସ କରେ କୋବି

ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ଫୁଲକୋବି

ଶୀତ ଦିନେ ବଜାରରେ ମିଳିଥାଏ ଅଧିକ ଫୁଲକୋବି। ଏହି ଦିନରେ ଫୁଲକୋବିର ବେଶ୍ ଚାହିଦା ଥାଏ । ଫୁଲକୋବି କେବଳ ସ୍ୱାଦରେ ନୁହେଁ, ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଫୁଲକୋବିରେ ଫାଇବର, ପ୍ରୋଟିନ, ଭିଟାମିନ-ସି, ମ୍ୟାଗ୍ନେସିୟମ ଓ କାର୍ବୋହାଇଡ୍ରେଟ ରହିଥାଏ। ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ତେବେ ଆସନ୍ତୁ ଜାଣିବା ଫୁଲକୋବିରୁ କଣ ସବୁ ଫାଇଦା ମିଳିଥାଏ ।

ହାଡ ମଜଭୁତ: ଫୁଲକୋବିରେ ପ୍ରଚୁର ପରିମାଣର ଭିଟାମିନ-କେ ମିଳିଥାଏ, ଯାହା ହାଡ ମଜଭୁତ କରିବାରେ ସାହାଯ୍ୟ କରେ । ଏହା ହାଡର ଘନତ୍ୱ ଉନ୍ନତ କରି ହାଡ ଭାଙ୍ଗିବା ଓ ଅଷ୍ଟିଓପୋରୋସିସ୍ ଆଶଙ୍କା କମାଇପାରେ । ଶରୀରକୁ ନିୟମିତ ଭିଟାମିନ-କେ ମିଳିବା ଦ୍ୱାରା ହାଡ ସୁଦୃଢ ହୁଏ ।

ଓଜନ ନିୟନ୍ତ୍ରଣରେ ସହାୟକ: ଫୁଲକୋବିରେ ଥିବା କେତେକ ଗୁଣ ଓଜନ ହ୍ରାସରେ ସହାୟକ ହୋଇପାରେ । ଏହା କମ୍ କ୍ୟାଲୋରୀ ଯୁକ୍ତ କିନ୍ତୁ ଫାଇବାର ଓ ଜଳ ମାତ୍ରା ଅଧିକ । ଏସବୁ ତତ୍ତ୍ୱ ଓଜନ କମାଇବାରେ ଉପଯୋଗୀ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ଦୀର୍ଘ ସମୟ ଯାଏଁ ପେଟ ଫୁଲ୍ ରହିବାର ଅନୁଭବ ହୁଏ ଓ ହଜମ ପ୍ରକ୍ରିୟା ଠିକ୍ ରହେ । ତେଣୁ ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ଲୋକେ ଏହି ଶୀତଦିନିଆ ପରିବାର ଖାଇବା ଲାଭଦାୟକ ।

ଶରୀର ଡିଟକ୍ସିଫାଏ: ଡିଟକ୍ସିଫିକେସନ ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା ଏବଂ ଫୁଲକୋବି ଖାଇବା ଏହି ପ୍ରକ୍ରିୟାରେ ସାହାଯ୍ୟ କରେ । ଫୁଲକୋବିରେ ଥିବା ଏନଜାଇମ ଆଭ୍ୟନ୍ତରୀଣ ବର୍ଜ୍ୟ ବାହାର କରିବାରେ କାମ କରନ୍ତି । ବିଷାକ୍ତ ପଦାର୍ଥ ଓ ବର୍ଜ୍ୟଗୁଡିକୁ ଶରୀରରୁ ବାହାର ନେଇଯାଆନ୍ତି ।

ହଜମ କ୍ରିୟା: ଫୁଲକୋବିରେ ଅଧିକ ଫାଇବର ଓ ପାଣି ଥାଏ । ଉଭୟ କୋଷ୍ଠକାଠିନ୍ୟ ରୋକିବା, ସୁସ୍ଥ ହଜମ ପ୍ରକ୍ରିୟା ବଜାୟ ରଖିବା ଓ କୋଲୋନ କ୍ୟାନ୍ସର ଆଶଙ୍କା କମାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଅଧ୍ୟୟନରୁ ଜଣାପଡେ, ଡାଏଟାରୀ ଫାଇବର ରୋଗ ପ୍ରତିରୋଧକ ଶକ୍ତି ଓ ପ୍ରଦାହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । କ୍ୟାନ୍ସର ବିରୋଧି:କୋବି ଆଣ୍ଟିଅକ୍ସିଡାଣ୍ଟର ଏକ ଭଲ ଉତ୍ସ, ଯାହାକି କ୍ଷତିକାରକ ମୁକ୍ତ ରେଡିକାଲରୁ ସେଲ୍‌ଗୁଡିକୁ ସୁରକ୍ଷା ଦିଏ । ଏଥିରେ ଥିବା କାରୋଟେନୋଏଡ ଓ ଫ୍ଲାଭୋନଏଡ ଆଣ୍ଟିଅକ୍ସିଡାଣ୍ଟ କ୍ୟାନ୍ସର ବିରୋଧି ଅଟେ । ଏହା କ୍ୟାନ୍ସର ସେଲ୍ ବୃଦ୍ଧିକୁ ଧିମା କରିଥାଏ । ଏଥିସହ ଫୁଲକୋବି ହୃଦରୋଗ ଭଳି ଅନ୍ୟାନ୍ୟ ଗମ୍ଭୀର ରୋଗ ଆଶଙ୍କା ହ୍ରାସ କରିପାରେ ।

ସ୍ୱାସ୍ଥ୍ୟ ପାଇଁ ରାମବାଣ ଲବଙ୍ଗ

ଭାରତୀୟ ରୋଷେଇ ଘରେ ଲବଙ୍ଗ ଏକ ମୁଖ୍ୟ ମସଲା । ଏହା କେବଳ ତରକାରୀର ସ୍ୱାଦ ବଢାଇନଥାଏ । ବରଂ ଆମ ଶରୀରକୁ ଅନେକ ପୋଷକ ତତ୍ତ୍ୱ ଯୋଗାଇଥାଏ। ଲବଙ୍ଗରେ ଆଇରନ୍, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ୍, ଫସ୍‌ଫରସ୍, ପୋଟାସିୟମ୍, ସୋଡିୟମ୍‌ଳି ପୋଷକ ତତ୍ତ୍ୱ ଭରପୂର ରହିଥାଏ । ଯାହା ଶରୀର ପାଇଁ ବେଶ ଉପକାରୀ। ତେବେ ଆସନ୍ତୁ ଜାଣିବା ଲବଙ୍ଗ ଖାଇବା ଦ୍ୱାରା କଣ ସବୁ ଫାଇଦା ମିଳିଥାଏ। ହାଡ ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ: ଲବଙ୍ଗରେ ପ୍ରଚୁର ପରିମାଣରେ ଥିବା ମାଙ୍ଗାନିଜ୍ ଏବଂ ଫ୍ଲାଭୋନାଏଡ୍ ହାଡକୁ ମଜଭୁତ ବଜାୟ ରଖିବାରେ ସାହାଯ୍ୟ କରେ । ଏହା ଯୌଗିକଗୁଡ଼ିକ ହାଡର ଟିସୁ ମରାମତି କରିବାରେ ସାହାଯ୍ୟ କରେ ବୋଲି ମଧ୍ୟ କୁହାଯାଏ ।

ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ: ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ ଲବଙ୍ଗ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । 'ଖାଦ୍ୟ ଏବଂ ଡ୍ରଗ୍ ଆନାଲିସିସ୍ ଜର୍ନାଲ୍'ରେ ପ୍ରକାଶିତ ଏକ ଅଧ୍ୟୟନରେ, ଲବଙ୍ଗରେ ଥିବା ଉପାଦାନଗୁଡ଼ିକ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ମଧୁମେହ ଓ ବୃକକ ଜନିତ ରୋଗୀଙ୍କ ପାଇଁ ଲାଭଦାୟକ: ଏହାର ବ୍ୟବହାର ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ କାରଣ ଲବଙ୍ଗରେ ଏପରି ଯୌଗିକ ମଧ୍ୟ ରହିଥାଏ ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା କିଡନୀ ଜନିତ ରୋଗରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥାଏ ଏବଂ ପରିସ୍ରା ସଂକ୍ରମଣରୁ ମୁକ୍ତି ଦେଇଥାଏ । ମୁଣ୍ଡ ବିନ୍ଧା: ଏହା ମୁଣ୍ଡବିନ୍ଧା, ମାଇଗ୍ରେନ ପାଇଁ ମଧ୍ୟ ଲାଭଦାୟକ। ଏହାକୁ ଚୋବାଇଲେ ଏହାର ବାସ୍ନା ସଙ୍ଗେ ସଙ୍ଗେ ମୁଣ୍ଡ ବିନ୍ଧାକୁ କମାଇଥାଏ । ହଜମ ପ୍ରକ୍ରିୟାରେ ସୁଧାର ଆଣେ: ପେଟ ଜନିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲବଙ୍ଗକୁ ଏକ ଭଲ ଘରୋଇ ଉପଚାର ଭାବରେ ବ୍ୟବହାର କରାଯାଇଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ହଜମ ଏବଂ ଅନ୍ତଃନଳୀ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ । ଏହା ହଜମକାରୀ ଏନଜାଇମର ଉତ୍ପାଦନକୁ ମଧ୍ୟ ବଢାଇଥାଏ । ଦାନ୍ତ ସ୍ୱାସ୍ଥ୍ୟ ପାଇଁ ଭଲ: ଲବଙ୍ଗଗୁଡ଼ିକ ଆଣ୍ଟି-ପ୍ଲେକ୍ ଏବଂ ଆଣ୍ଟି-ମାଇକ୍ରୋବିୟଲ୍ ଗୁଣରେ ଭରପୂର ଅଟେ। ବିଶେଷଜ୍ଞଙ୍କ ଅନୁଯାୟୀ ଦାନ୍ତକୁ ସୁସ୍ଥ ରଖିବାରେ ଏମାନେ ବହୁତ ସାହାଯ୍ୟ କରନ୍ତି । ସେମାନେ କେବଳ ପାଟିରେ ଥିବା ଅଣୁଜୀବକୁ ରୋକିବାରେ ସାହାଯ୍ୟ କରନ୍ତି ନାହିଁ, ବରଂ ସଂକ୍ରମଣ, ଯନ୍ତ୍ରଣା ମଧ୍ୟ ଦୂର କରନ୍ତି । ସଂକ୍ରମଣରୁ ମୁକ୍ତି: ଲବଙ୍ଗକୁ ନିୟମିତ ଖାଇବା ଦ୍ୱାରା ଫ୍ଲୁ, ଥଣ୍ଡା, ସାଇନସ୍ ସମସ୍ୟା ଏବଂ ଭାଇରାଲ୍ ସଂକ୍ରମଣ ଭଳି ରୋଗ ହେବାର ଆଶଙ୍କା କମିଯାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ।

ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ ହୋଇଥାଏ କନ୍ଦମୂଳ

ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ ହୋଇଥାଏ କନ୍ଦମୂଳ । କନ୍ଦମୂଳ ଖାଇବା ଦ୍ୱାରା ଶରୀରର ଇମ୍ୟୁନିଟି ବଢିଥାଏ। ଏହା ସବୁ ପ୍ରକାରର ପନିପରିବା ଠାରୁ ଲାଭଦାୟକ ହୋଇଥାଏ । କେହି କେହି ଏହାକୁ ସ୍ୱିଟ ପୋଟାଟୋ ମଧ୍ୟ କହନ୍ତି। ଯେମିତି ମିଠା ଏହାର ସ୍ୱାଦ ଥାଏ ସେମିତି ଲାଭଦାୟକ ଶରୀର ପାଇଁ ହୋଇଥାଏ। ତେବେ ଜାଣନ୍ତୁ କନ୍ଦମୂଳ ଖାଇବା ଦ୍ୱାରା କେଉଁ କେଉଁ ରୋଗ ହୋଇନଥାଏ । ଆପଣ ଜାଣନ୍ତି କି, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ୧୪ ବର୍ଷ ବନବାସ ସମୟରେ କନ୍ଦମୂଳ ଖାଇ ରହିଥିଲେ । କନ୍ଦମୂଳରେ ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍ ଏବଂ ଫାଇବର ବ୍ୟତିତ ବିଟା କ୍ୟାରୋଟିନ ପ୍ରଚୁର ମାତ୍ରାରେ ମିଳିଥାଏ । ଏଥିପାଇଁ ଏହା ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ ବନାଇବାର କାମ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ରୋଗ ପାଖକୁ ଆସିନଥାଏ । କନ୍ଦମୂଳରେ ଅଧିକାଂଶ ଆଇରନ ଥିବାରୁ ରକ୍ତହୀନତା ହ୍ରାସ ପାଇଥାଏ । ଅସ୍ଥାମାରୁ ରକ୍ଷା କରିଥାଏ କନ୍ଦମୂଳ । ଶରୀରକୁ ଗରମ ରଖିବା ସହ ଏଥିରେ ଥିବା ଭିଟାମିନ ସି ଫୁସଫୁସ ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଖାଦ୍ୟ ହଜମ ପାଇଁ ଶରୀରରେ ଫାଇବର ରହିବା ନିହାତି ଜରୁରୀ ହୋଇଥାଏ । କନ୍ଦମୂଳ ଫାଇବର ଯୁକ୍ତ ଭୋଜନ ଅଟେ। କନ୍ଦମୂଳ ସ୍ୱାଦିଷ୍ଟ ହୋଇଥାଏ ଏବଂ ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ । ଏଥିପାଇଁ ଏହା ପାଚନ ତନ୍ତ୍ର ପାଇଁ ଭଲ ହୋଇଥାଏ । କନ୍ଦମୂଳ ଖାଇବା ଦ୍ୱାରା ଶରୀରର ଓଜନ ହ୍ରାସ କରିବାରେ ସାହାର୍ଯ୍ୟ କରିଥାଏ । ଏହାସହ ବ୍ଲଡରେ ଥିବା ଦୂଷିତ କୋଲେଷ୍ଟ୍ରୋଲ କମିବାକୁ ଲାଗିଥାଏ । ଏବଂ ହାଡ ମଜବୁତ କରିଥାଏ ।

କେମିତି କରିବେ ଘରୋଇ ମଶ୍ଚରାଇଜ

ଘି-କୁଆଁରୀ ପତ୍ରକୁ କାଟି ତା' ରସକୁ ଗୋଟିଏ କାଚ ବୋତଲରେ ରଖିବେ। ବୋତଲକୁ ସପ୍ତାହେ ପର୍ଯ୍ୟନ୍ତ ଫ୍ରିଜ୍ ରେ ରଖିହେବ। ଗାଧୋଇବା ପରେ ଗୋଟିଏ ଚାମଚ ଘି-କୁଆଁରୀ ରସକୁ ମୁହଁରେ ଲଗାଇଲେ ଦାଗ ଦୂର ହେବା ସହ ତ୍ୱଚା ଶୁଷ୍କ ହୁଏ । ଖିର ସର ମଧ୍ୟ ବେଶ୍ କରାମତି ଦେଖାଏ। ବେସନ ଗୋଟିଏ ଚାମଚରେ ଖିର ସର ମିଶାଇ ତ୍ୱଚାରେ ଲଗାଇବେ। ଶୁଖିବା ପରେ ଉଷୁମ ପାଣିରେ ମୁହଁ ଧୁଅନ୍ତୁ। ଏହି ପ୍ୟାକ୍ ଲଗାଇବା ପରେ ତ୍ୱଚାରେ ଅନ୍ୟ କୌଣସି କ୍ରିମ୍ ଲଗାଇବା ଆବଶ୍ୟକତା ନାହିଁ। ମେକ୍‌ଅପ୍ ବାହାର କରିବାକୁ କେତେଜଣ ନଡ଼ିଆ ତେଲ ବ୍ୟବହାର କରନ୍ତି। ନଡ଼ିଆ ତେଲକୁ ରାତିରେ ଶୋଇବା ପୂର୍ବରୁ ମୁହଁ, ହାତ, ପାଦରେ ମାଲିସ୍ କରିବେ। ଏହା ମଧ୍ୟ ଏକପ୍ରକାର ପ୍ରାକୃତିକ ମଏ

ଆଇପିଏଲ ୨୦୨୫

ଆରସିବିର ନୂଆ ବୋଲିଂ କୋଚ୍ ହେଲେ ଓଁକାର

ନୂଆଦିଲ୍ଲୀ

ଆସନ୍ତା ୨୦୨୫ ଆଇପିଏଲ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓଁକାର ସାଲଭିଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି । ମୁମ୍ବାଇ ରଣଜୀ ଟ୍ରଫି ଓ ଇରାନୀ କପ୍ ନିକଟରେ ଜିତିଥିଲା । ଏହି ସମୟରେ ଓଁକାର ମୁମ୍ବାଇ ଟିମ୍‌ର ମୁଖ୍ୟ କୋଚ୍ ରହିଥିଲେ । ତାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ଭଲ ପ୍ରଦର୍ଶନ କରିଥିବାରୁ ଆରିସିବି ତାଙ୍କୁ ବୋଲିଂ କୋଚ୍ ଭାବେ ଦାୟିତ୍ୱ ଦେଇଛି ।

ଘରୋଇ କ୍ରିକେଟରେ ବେଶ୍ ପରିଚିତ ଓଁକାର ୨୦୨୪ରେ କୋଲକାତା ନାଇଟ ରାଇଡର୍ସ ସହ ମଧ୍ୟ ଆସିସ୍‌ଷ୍ଟାଣ୍ଟ କୋଚ୍ ଭାବେ କାମ କରିଥିଲେ । ଆଇପିଏଲରେ ତାଙ୍କର ଅଭିଜ୍ଞତା ରହିଥିବାରୁ ଆରସିବି ତାଙ୍କୁ ୨୦୨୫ର ବୋଲିଂ କୋଚ୍ ଦାୟିତ୍ୱ ଦେଇଛି । ଆରସିବି ପକ୍ଷରୁ କୁହାଯାଇଛି ଯେ "ବର୍ତ୍ତମାନ ମୁମ୍ବାଇର ମୁଖ୍ୟ କୋଚ୍ ଭାବେ କାମ କରୁଥିବା ଓଁକାର ସାଲଭିଙ୍କୁ ଆରସିବିର ବୋଲିଂ କୋଚ୍ କରାଯାଇଛି । ଗତ ୮ ମାସ ମଧ୍ୟରେ ଓଁକାର ରଣଜୀ ଟ୍ରଫି, ଇରାନୀ ଟ୍ରଫି ଓ ଆଇପିଏଲ ଟ୍ରଫି ଜିତିଛନ୍ତି । ଘରୋଇ ଋତୁର ଡ୍ୟୁଟି ଶେଷ ହେବା ପରେ ସେ ଆମ ସହ ଯୋଡ଼ି ହେବାକୁ ବେଶ୍ ଉତ୍ସାହିତ ଅଛନ୍ତି ।"

ବର୍ତ୍ତମାନ ରଣଜୀ ସିଜିନର ପ୍ରଥମ ହାଫ ଶେଷ ହୋଇଛି । ଜାନୁଆରୀ ୨୩ରୁ ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବ । ଏହି ସିଜିନ ଶେଷ ହେବା ପରେ ଓଁକାର ଆରସିବିରେ ସାମିଲ ହେବେ । ଓଁକାର ସୟିଦ ମୁସ୍ତାକ ଅଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ବେଳେ ମଧ୍ୟ ମୁମ୍ବାଇ ଦାୟିତ୍ୱରେ ରହିଥିଲେ ।

ଓଁକାରଙ୍କ ସାନ ଭାଇ ହେଉଛନ୍ତି ପୂର୍ବତନ କ୍ରିକେଟର ଅଭିଷ୍ଟାର ସାଲ୍‌ଭି । ୨୦୦୫ରେ ଓଁକାର ରେଳବାଇ ପାଇଁ ମାତ୍ର ଗୋଟିଏ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ । କିନ୍ତୁ ନିଜର କୋଚିଂ ବଳରେ ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି । ମୁମ୍ବାଇ କ୍ରିକେଟ ଆସୋସିଏସନ ତାଙ୍କୁ ୨୦୨୫ ଯାଏ କୋଚ୍ ଭାବେ କାର୍ଯ୍ୟ କରିବା ପାଇଁ ଚୁକ୍ତି କରିଛି ।

ଦୃଷ୍ଟିହୀନ ବିଶ୍ୱକପ୍‌ରୁ ଓହରିଲା ଭାରତ

ନୂଆଦିଲ୍ଲୀ

ପାକିସ୍ତାନରେ ଆୟୋଜିତ ହେବାକୁ ଯାଉଥିବା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍‌ରୁ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଓହରି ଯାଇଛି । ଭାରତୀୟ ଟିମ୍ ପାକିସ୍ତାନ ଯିବାକୁ ଚାହୁଁଥିଲେ ହେଁ ବୈଦେଶିକ ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ଦେଇନାହିଁ । ପ୍ରାଥମିକ ଅବସ୍ଥାରେ ଦୃଷ୍ଟିହୀନ ଭାରତୀୟ କ୍ରିକେଟ ଟିମ୍‌କୁ ପାକିସ୍ତାନ ଯିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଏନଓସି ଦେଇଥିଲା । ଏହାପରେ ନିୟମ ଅନୁସାରେ ଟିମ୍ ବୈଦେଶିକ ମନ୍ତ୍ରଣାଳୟର ଅନୁମତିକୁ ଅପେକ୍ଷା କରିଥିଲା । ହେଲେ ଏବେ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେବାକୁ ମନା କରି ଦେଇଛି । ଏଥିପାଇଁ ଭାରତୀୟ ଟିମ୍ ବିଶ୍ୱକପରୁ ଓହରି ଯାଇଛି ।

ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏସନ (ଆଇବିସିଏ)ର ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ଯାଦବ ଏହାକୁ ନିଶ୍ଚିତ କରିଛି । ତାଙ୍କ କହିବା କଥା ଯେ ପାକିସ୍ତାନ ଯିବାକୁ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇ ନଥିବା ବେଳେ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ ପରାମର୍ଶ ଦେଇଥିଲା । ଏଥିଯୋଗୁ ନଭେମ୍ବର ୨୩ରୁ

ଡିସେମ୍ବର ୩ ଯାଏ ପାକିସ୍ତାନରେ ହେବାକୁ ଥିବା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍‌ରୁ ଭାରତୀୟ ଟିମ୍ ଓହରି ଯାଇଥିବା ସେ କହିଛନ୍ତି । ତେବେ ଏଯାଏ ଅନୁମତି ମନା ସଂକ୍ରାନ୍ତ ଚିଠି ଆଇବିସିଏ ପାଖରେ ପହଞ୍ଚିନାହିଁ । କେବଳ ମୌଖିକ ଭାବେ ସେମାନଙ୍କୁ ଅନୁମତି ମିଳି ନଥିବା ମନ୍ତ୍ରଣାଳୟ କହିଛି ।

ଯାଦବ କହିଛନ୍ତି, "ଆମେ ପ୍ରାୟ ୨୫ ଦିନ ହେବ ପାକିସ୍ତାନ ଯିବା ପାଇଁ ସରକାରଙ୍କ ଅପେକ୍ଷାରେ ରହିଥିଲୁ । ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଥିବାରୁ ଆମେ ଆଉ ଅପେକ୍ଷା କରିପାରିବୁ ନାହିଁ । ଏନେଇ ମୁଁ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ଫୋନ୍‌ରେ କଥା ହୋଇଥିଲି । ଅଧିକାରୀ ଜଣଙ୍କ ପାକିସ୍ତାନ ଯିବାକୁ ଅନୁମତି ମିଳିପାରିବ ନାହିଁ କହିବା ସହ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ କହିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ଖୁବ୍‌ଶୀଘ୍ର ଏନେଇ ଗୋଟିଏ ଚିଠି ମଧ୍ୟ ଜାରି କରାଯିବ । ଚିଠି ଏଯାଏ ଆସିନି । କିନ୍ତୁ ଆମେ ଆଲୋଚନା ପରେ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛୁ ।"

ଯାଦବଙ୍କ କହିବା କଥା ଭାରତ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦେଶ ମଧ୍ୟ ପାକିସ୍ତାନରେ ଆୟୋଜିତ ଦୃଷ୍ଟିହୀନ ଟି-୨୦ ବିଶ୍ୱକପରେ ସାମିଲ ହେଉ ନାହାନ୍ତି । ଭାରତ ହେଉଛି ଦୃଷ୍ଟିହୀନ ଟି-୨୦ ବିଶ୍ୱକପର ଡିଫେଣ୍ଡିଂ ଚାମ୍ପିୟନ । ଭାରତୀୟ ଟିମ୍ ଟି-୨୦ ବିଶ୍ୱକପର ସମସ୍ତ ୩ଟି ଯାକ ସଂସ୍କରଣରେ ଚାମ୍ପିୟନ ହୋଇଛି । ୨୦୧୨, ୨୦୧୭ ଓ ୨୦୨୨ରେ ଦଳ ବିଶ୍ୱକପ ଜିତିଥିଲା । ୨୦୨୨ ବିଶ୍ୱକପ ଫାଇନାଲରେ ଭାରତୀୟ ଟିମ୍ ୧୨୦ ରନରେ ବାଂଲାଦେଶକୁ ହରାଇ ବେଙ୍ଗାଲୁରୁରେ ଚାମ୍ପିୟନ ହୋଇଥିଲା ।

ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ୨୦୨୪ ଖେଳିବେ ଶାମି

ନୂଆଦିଲ୍ଲୀ

ମହମ୍ମଦ ଶାମି ନିକଟରେ ରଣଜୀ ଟ୍ରଫି ମ୍ୟାଚ୍ କରିଆରେ କ୍ରିକେଟ୍ ମଇଦାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେ ପଶ୍ଚିମବଙ୍ଗ ପକ୍ଷରୁ ମଧ୍ୟ ପ୍ରଦେଶ ବିପକ୍ଷରେ ରଣଜୀ ମ୍ୟାଚ୍ ଖେଳି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ବୋଲିଂରେ ୭ ୱିକେଟ୍ ନେବା ସହ ବ୍ୟାଟିଂରେ ୩୯ ରନ କରିଛନ୍ତି । ଆଶା କରାଯାଉଥିଲା ଶାମି ଶୀଘ୍ର ଅଷ୍ଟ୍ରେଲିଆରେ ଗସ୍ତ କରିବେ । କିନ୍ତୁ ଏହା ପୂର୍ବରୁ ଏବେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ୨୦୨୪ ଖେଳିବେ ଶାମି । ପଶ୍ଚିମବଙ୍ଗ ଘୋଷଣା କରିଥିବା ନିଜ ଦଳରେ ମହମ୍ମଦ ଶାମିଙ୍କୁ ସାମିଲ୍ କରିଛି । ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୩ରୁ ଆରମ୍ଭ ହୋଇ ଡିସେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ ।

୨୦୨୩ ବିଶ୍ୱକପ୍‌ରେ ଆହତ ହେବା ପରେ ଶାମି ଦୀର୍ଘ ବର୍ଷେ ପରେ ଚଳିତ ରଣଜୀ ସିଜିନ୍‌ରେ ପେଶାଦାର କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପଶ୍ଚିମବଙ୍ଗ ପକ୍ଷରୁ ସାତ ୱିକେଟ୍ ନେବା ପରେ ଶାମି ଏବେ ସୈୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଖେଳିବେ । ଆଶା କରାଯାଉଥିଲା ଯେ, ଶାମି ବର୍ଡର-ଗାଭାସ୍କର ଟ୍ରଫି ମଝିରେ ଭାରତୀୟ ଦଳରେ ଯୋଗ ଦେଇ ପାରନ୍ତି । ତେବେ ଏହା ପୂର୍ବରୁ ଶାମି ଅଲଗା ଅଲଗା ଟୁର୍ଣ୍ଣାମେଣ୍ଟ ଖେଳିବା ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁହାଯାଉଛି ।

ଏହା ପୂର୍ବରୁ ଖବର ଆସିଥିଲା ଯେ, ଶାମି ଅଧିନାୟକ ରୋହିତ ଶର୍ମାଙ୍କ ସହ ଅଷ୍ଟ୍ରେଲିଆ ଗସ୍ତ କରି ପାରନ୍ତି । ତେବେ ବିସିସିଆଇ ଶାମିଙ୍କୁ ନେଇ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନି । ତେଣୁ ଶାମିଙ୍କୁ ଆଉ କିଛି ଘରୋଇ ମ୍ୟାଚ୍ ଖେଳାଇବାକୁ ଯୋଜନା କରିଛି ବିସିସିଆଇ । ଏହି କ୍ରମରେ ମହମ୍ମଦ ଶାମି ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ୨୦୨୪ ଖେଳିବାକୁ ଯାଉଛନ୍ତି । ଏହା ପରେ ବର୍ଡର-ଗାଭାସ୍କର ଟ୍ରଫିର ମଝି ବେଳକୁ ଶାମି ଦଳରେ ଯୋଗ ଦେଇ ପାରନ୍ତି ।

ବାରବାଟୀ ଦିନିକିଆ : ଦର୍ଶକଙ୍କ ପାଇଁ ଧାର୍ଯ୍ୟ ହେଲା ଟିକେଟ୍‌ର ନୂଆ ଦର

କଟକ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଆସନ୍ତା ବର୍ଷ ଫେବୃଆରୀ ୯ ତାରିଖରେ ଖେଳା ଯିବ । ଏହି ମୁକାବିଲା ଐତିହାସିକ କଟକର ବାରବାଟୀ ଷ୍ଟାଡ଼ିୟମରେ ହେବ । ବହୁ ପ୍ରତୀକ୍ଷିତ ଏହି ମ୍ୟାଚ୍ ଦେଖିବା ପାଇଁ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି । ଏଥିପାଇଁ ଜୋରଦାର ପ୍ରସ୍ତୁତି ମଧ୍ୟ ଜାରି ରହିଛି । ଏହାର ମଧ୍ୟରେ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା ହୋଇଛି । ବାରବାଟୀରେ ଦିନିକିଆ ମ୍ୟାଚ୍ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଟିକେଟ୍‌ର ମୂଲ୍ୟ ପୁନଃ ଧାର୍ଯ୍ୟ କରିଛି । ଗତ ୩ ତାରିଖ ଦିନ ହୋଇଥିବା ଟିକେଟ୍ ଦରରେ ସଂଶୋଧନ ଅଣାଯାଇଛି । ଓସିଏ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ଓସିଏ ପକ୍ଷରୁ କୁହାଯାଇଛି ଯେ, ବାରବାଟୀର ଗ୍ୟାଲେରି-୧, ଗ୍ୟାଲେରି-୨, ଗ୍ୟାଲେରି-୩, ଗ୍ୟାଲେରି-୪ ଗ୍ୟାଲେରି-୫, ଗ୍ୟାଲେରି ୭, ସ୍ପେଶାଲ ଏନ୍‌କ୍ଲୋଜର ଓ ଏସି ଏନ୍‌କ୍ଲୋଜରର ଦର ପରିବର୍ତ୍ତନ କରାଯାଇଛି । କିନ୍ତୁ କର୍ପୋରେଟ୍ ବକ୍ସ ଓ ନ୍ୟୁ ପାଭଲିଅନ୍‌ର ଦର ପୂର୍ବାପେକ୍ଷା ରହିଛି । ତେବେ ଏକାଧିକ ଗ୍ୟାଲେରିରେ ଟିକେଟ୍ ଦର ହ୍ରାସ ପାଇବା ଦ୍ୱାରା ଦର୍ଶକମାନଙ୍କ ପାଇଁ ନିଶ୍ଚିତ ଭାବେ ଏହା ଏକ ପ୍ରକାରର ଖୁସିର ଖବର ।

ଓସିଏ ପକ୍ଷରୁ କୁହାଯାଇଛି ଯେ, ଦର୍ଶକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୫ ଫେବୃଆରୀ ୯ରେ ବାରବାଟୀରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍ ପାଇଁ

ଟିକେଟ୍ ଦର ହ୍ରାସ କରାଯାଇଛି । ସର୍ବନିମ୍ନ ୧୦୦ ଟଙ୍କା ଟିକେଟ ଦର ହ୍ରାସ କରାଯାଇଛି । ଗ୍ୟାଲେରି-୧ ଓ ୩ରେ ପୂର୍ବରୁ ଟିକେଟ୍ ଦର ୧,୨୦୦ ଟଙ୍କା ଥିଲା । ଏବେ ଏହି ୨ଟି ଗ୍ୟାଲେରିରେ ଦର୍ଶକମାନଙ୍କୁ ୧,୧୦୦ ଟଙ୍କାରେ ଟିକେଟ୍ ମିଳିପାରିବ । ଗ୍ୟାଲେରି-୫ରେ ପୂର୍ବରୁ ଟିକେଟ୍ ଦର ୧,୫୦୦ ଟଙ୍କା ଥିବା ବେଳେ ନୂତନ ଦର ୧,୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହିପରି ଗ୍ୟାଲେରି-୨ ଓ ୪ରେ ଟିକେଟ୍ ଦର ପୂର୍ବରୁ ୧,୦୦୦ ଟଙ୍କା ଥିବା ବେଳେ ଏହାକୁ ୧୦୦ ଟଙ୍କା ହ୍ରାସ କରାଯାଇଛି । ନୂତନ ଦର ୯୦୦ ଟଙ୍କା ରଖାଯାଇଛି । ଗ୍ୟାଲେରି ୭ରେ ଆଗରୁ ୮୦୦ ଟଙ୍କା ଥିବା ବେଳେ ଏହା ଏବେ ୭୦୦ ଟଙ୍କା ହୋଇଛି । ସ୍ପେଶାଲ ଏନ୍‌କ୍ଲୋଜରରେ ଟିକେଟ୍ ଦର ୭,୦୦୦ରୁ ୧,୦୦୦ ହଜାର ହ୍ରାସ କରି ୬,୦୦୦ ଟଙ୍କା ରଖାଯାଇଛି । ଏସି ଏନକ୍ଲେଜର ୯୦୦୦ରୁ ୮୦୦୦ ଟଙ୍କା କରିଦିଆଯାଇଛି । କିନ୍ତି କର୍ପୋରେଟ୍ ବକ୍ସର ମୂଲ୍ୟ ପୂର୍ବଭଳି ୨୦,୦୦୦ ଓ ନ୍ୟୁ ପାଭଲିଅନ୍ ଦର ୧୦,୦୦୦ ଟଙ୍କା ଅପରିବର୍ତ୍ତିତ ରହିଛି ।

ଆଇପିଏଲ ୨୦୨୫ ମେଗା ଅକ୍ସନରେ ସାମିଲ ହେବେ ପନ୍ତ

ନୂଆଦିଲ୍ଲୀ

ଆଇପିଏଲ ୨୦୨୫ ମେଗା ଅକ୍ସନରେ ସବୁଠାରୁ ଚର୍ଚ୍ଚିତ ନାଁ ହେଉଛି ଟିମ୍ ଇଣ୍ଡିଆର ୱିକେଟ କିପର ଋଷଭ ପନ୍ତ । ୨୦୧୬ରୁ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ସହ ରହିଥିଲେ । କିନ୍ତୁ ଚଳିତ ବର୍ଷ ମେଗା ଅକ୍ସନ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସରୁ ସେ ବାହାରି ଯାଇଛନ୍ତି । ଆସନ୍ତା ୨୪ ତାରିଖରୁ ଆରମ୍ଭ ହେଉଥିବା ମେଗା ଅକ୍ସନରେ ସେ ସାମିଲ ହେବେ । ପନ୍ତ ଜବରଦସ୍ତ ଫର୍ମରେ ଥିବାରୁ ତାଙ୍କୁ କିଣିବା ପାଇଁ ସବୁ ଫ୍ରାଞ୍ଚାଇଜ ଚେଷ୍ଟା କରିବେ । ସେ ରେକର୍ଡ ଦରରେ ବିକ୍ରି ହେବେ ବୋଲି ମଧ୍ୟ କୁହାଯାଉଛି ।

ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ରିଟେନସନ ଫି' ସହ ଏକମତ ନ ହୋଇ ଫ୍ରାଞ୍ଚାଇଜ ଛାଡ଼ିଥିବା କୁହାଯାଉଛି । କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ମଧ୍ୟ ସମାନ କଥା କହିଛନ୍ତି । ଅଧିକ ଟଙ୍କା ପାଇବା ଆଶାରେ ପନ୍ତ ଏପରି କରିଥିବା ଗାଭାସ୍କର ଗୋଟିଏ କାର୍ଯ୍ୟକ୍ରମରେ ମତ ରଖିଛନ୍ତି । କିନ୍ତୁ ଏହାର ଭିଡିଓ ଭାଇରାଲ ହେବା ପରେ ପନ୍ତ ଏହାକୁ ଖଣ୍ଡନ କରିଛନ୍ତି । ଗାଭାସ୍କର ଗୋଟିଏ ଟିଭି ଚ୍ୟାନେଲରେ କହିଥିଲେ ଯେ ବଡ଼ବଡ଼ ଖେଳାଳିମାନେ ବେଳେବେଳେ ନିଜର ଉପଯୁକ୍ତ ପ୍ରାପ୍ୟ ପାଇଁ ଅକ୍ସନରେ ସାମିଲ ହୁଅନ୍ତି । ପନ୍ତ ମଧ୍ୟ ସମାନ କାରଣ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିଛନ୍ତି । ତେବେ ଦିଲ୍ଲୀ ତାଙ୍କୁ ନିଲାମ

ବେଳେ ପୁଣି ଅଧିକ ଦାମ୍‌ରେ କିଣିବାକୁ ଚେଷ୍ଟା କରିବ ।

ଟଙ୍କା ପାଇଁ ପନ୍ତ ଦିଲ୍ଲୀ ଛାଡ଼ିଥିବା ଗାଭାସ୍କର ଦେଇଥିବା ବୟାନର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଭିଡିଓ ଭାଇରାଲ ହେବାରୁ ପନ୍ତ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, "ମୋ ରିଟେନସନ ନିଶ୍ଚିତ ଭାବେ ଟଙ୍କା ପାଇଁ ନଥିଲା ବୋଲି ମୁଁ କହିପାରିବି ।" ପନ୍ତଙ୍କ ପଛରେ ୧୦ଟି ଯାକ ଫ୍ରାଞ୍ଚାଇଜ ନିଲାମ ବେଳେ ପଡ଼ିପାରନ୍ତି । ହେଲେ ଫ୍ରାଞ୍ଚାଇଜମାନଙ୍କ ପାଖରେ ରିଟେନସନ ପରେ ଥିବା ଟଙ୍କାକୁ ଦେଖିଲେ ପନ୍ତ ସମ୍ଭବତଃ ପଞ୍ଜାବ କିଙ୍ଗସ, ଲକ୍ଷ୍ନୌ ସୁପର ଜାଏଣ୍ଟସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଖକୁ ଯାଇ ପାରନ୍ତି । ଏପରି କି ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ତାଙ୍କୁ ପୁଣି କିଣିପାରେ ।

କୋହଲିଙ୍କୁ ନେଇ ଗାଙ୍ଗୁଲିଙ୍କ ଭବିଷ୍ୟବାଣୀ

ନୂଆଦିଲ୍ଲୀ

ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ବିରାଟ କୋହଲିଙ୍କ ଫର୍ମ ତାଙ୍କୁ ଅନେକ ମ୍ୟାଚ୍ ପାଇଁ ସମର୍ଥନ କରୁନାହିଁ । ୨୦୨୪ ବର୍ଷ ମଧ୍ୟ କୋହଲିଙ୍କ ପାଇଁ ଭଲ ବୋଲି ପ୍ରମାଣିତ ହୋଇନାହିଁ । କୋହଲିଙ୍କ ବ୍ୟାଟ ନା ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ନା ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦମ୍ ଦେଖାଇ ପାରିନି । ଯେହେତୁ ବିରାଟ କୋହଲି ଅଷ୍ଟ୍ରେଲିଆରେ ଅନେକ ଟେଷ୍ଟ ରେକର୍ଡ ରଖିଛନ୍ତି, ତେବେ ପ୍ରଶଂସକମାନେ ଆଶା କରୁଛନ୍ତି ଯେ ତାଙ୍କ ଫର୍ମ ବର୍ଡର-ଗାଭାସ୍କର ଟ୍ରଫିରେ ଫେରିବ । ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ କୋହଲିଙ୍କ ଫର୍ମ ବିଷୟରେ ଅନେକ କଥା କହିଛନ୍ତି ଏବଂ ବିରାଟଙ୍କ ଅଷ୍ଟ୍ରେଲିଆ ଟେଷ୍ଟ ଗସ୍ତକୁ ନେଇ ମଧ୍ୟ ଭବିଷ୍ୟବାଣୀ କରିଛନ୍ତି । କୋହଲିଙ୍କ ପାଇଁ ଏହି ସିରିଜ୍ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇପାରେ, କାରଣ ଏହା ଅଷ୍ଟ୍ରେଲିଆରେ ତାଙ୍କର ଶେଷ ଟେଷ୍ଟ ଯାତ୍ରା ହୋଇପାରେ ବୋଲି ଗାଙ୍ଗୁଲି ବିଶ୍ୱାସ କରୁଛନ୍ତି । ୩୬ ବର୍ଷ ବୟସ୍କ କୋହଲିଙ୍କ ପାଇଁ ଭବିଷ୍ୟତରେ ଅଷ୍ଟ୍ରେଲିଆ ଗସ୍ତରେ ଖେଳିବା କଷ୍ଟକର ହୋଇପାରେ । ଏହି ବିଷୟରେ ଗାଙ୍ଗୁଲି କହିଛନ୍ତି, ସେ ଜଣେ ଚାମ୍ପିୟନ ବ୍ୟାଟ୍‌ମ୍ୟାନ ଏବଂ ଏହା ପୂର୍ବରୁ ଅଷ୍ଟ୍ରେଲିଆରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ସେ ୨୦୧୪ରେ ଚାରି ଶତକ ଏବଂ ୨୦୧୮ରେ ଗୋଟିଏ ଶତକ ସ୍କୋର କରିଥିଲେ । ସେ ଏହି ସିରିଜ୍‌ରେ ନିଜର ଚିହ୍ନ ଛାଡ଼ିବାକୁ ଚାହିଁବେ ଏବଂ ସେ ଏହା ମଧ୍ୟ ଅନୁଭବ କରିବେ ଯେ ଏହା ତାଙ୍କର ଅଷ୍ଟ୍ରେଲିଆ ଗସ୍ତର ଶେଷ ଯାତ୍ରା ହୋଇପାରେ ।''

ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଳିଅଣା ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁରୁଙ୍ଗାଶୋଳ ଖେଳପଡ଼ିଆ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ବର୍ଗର ସଫ୍ଟବଲ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ଅନୁଷ୍ଠିତ ହୋଇଯାଇଛି । ବିଚାରକ ଭାବେ ପିଇଟି ତଥା ସଫ୍ଟବଲ ରେଫ୍ରି କୈଳାଶ ଚନ୍ଦ୍ର ମହାଳିକ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ହରିଶ୍ଚନ୍ଦ୍ର ରାଉତ,ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାଶିବ ନାୟକ, ଶିକ୍ଷକ ଶଶାଙ୍କ ଶେଖର ମହାପାତ୍ର, ଶିକ୍ଷା କର୍ମଚାରୀ ଯଦୁମଣି ଧଳ ପ୍ରମୁଖ ସହଯୋଗ କରିଥିଲେ । ନଭେମ୍ବର ମାସ ୨୧ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ସ୍ଥିତ ଜୁନିୟର ରେଡ୍‌କ୍ରସ ଭବନ, ବାଲେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ଛାତ୍ର ଯୋଗ ଦେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି । ବାଳକ ଟିମ୍ ମ୍ୟାନେଜର ଭାବେ କୁଳିଅଣା ବ୍ଲକ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦୁଧିଆ-ଶୋଳର ପିଇଟି ବାବୁଲାଲ ହେମ୍ବ୍ରମଙ୍କ ନେତୃତ୍ୱରେ ପ୍ରତିଯୋ

କଟକ ବାଲିଯାତ୍ରା: ଟିପିସିଓଡିଏଲ ଷ୍ଟଲରେ ଲୋକଙ୍କ ଭିଡ଼ ଜମୁଛି

କଟକ, ନ୍ୟୁଜ ବ୍ୟୁରୋ

ଆରମ୍ଭ ହୋଇଯାଇଛି କଟକ ବାଲିଯାତ୍ରା। ତେବେ ଏହି ବାଲିଯାତ୍ରାରେ ଟିପିସିଓଡିଏଲ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ଖୋଲିଛି। ବିଦ୍ୟୁତ ସେବା ବାବଦରେ ସୂଚନା ପ୍ରଦାନ ପାଇଁ ଟିପିସିଓଡିଏଲ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗତ ୧୫ ତାରିଖରୁ ଖୋଲିଥିବା ଏହି ଷ୍ଟଲଟି ଆସନ୍ତା ୨୨ ତାରିଖ ଯାଏଁ ରହିବ। ଏହି ଷ୍ଟଲରେ ରୁଫଟଫ୍ ସୋଲାର, ଡିଜିଟାଲ ପେମେଣ୍ଟ, ମିସିଡ୍ କଲ ସର୍ଭିସ ଓ ବିଦ୍ୟୁତ ଚୋରି ରୋକିବା ସମ୍ପର୍କରେ ସଚେତନା କରାଯାଉଛି। ଏହାସହ ଷ୍ଟଲକୁ ଆସୁଥିବା ସାଧାରଣ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର

ଟିପିସିଓଡିଏଲର ଏକ୍ସପର୍ଟ ଟିମ ଦ୍ୱାରା ପ୍ରଦାନ କରାଯାଉଛି। କିଭଳି ରୁଫଟଫ ସୋଲାର ବ୍ୟବହାର କରିପାରିବେ, ଡିଜିଟାଲ ପେମେଣ୍ଟ କଲେ ୪ ପ୍ରତିଶତ ରହିତା କିପରି ଜଣେ ଗ୍ରାହକ ଲାଭ କରି ପାରିବେ, ମିସିଡ୍ କଲ ସର୍ଭିସ ମାଧ୍ୟମରେ ବିଦ୍ୟୁତ ସମ୍ପର୍କିତ ସୂଚନା କିପରି ମିଳିପାରୁଛି ସେ ନେଇ ଲୋକଙ୍କର ଅଧିକାଂଶ ପ୍ରଶ୍ନ ରହୁଛି। ବିଦ୍ୟୁତ ସମ୍ପର୍କିତ ସୂଚନା ପାଇଁ ସନ୍ଧ୍ୟାରେ ଟିପିସିଓଡିଏଲ ଷ୍ଟଲରେ ଲୋକଙ୍କ ଭିଡ ଜମୁଛି।

କିସ୍ ଓ କିଟ୍‌ରେ ବଲିଉଡ୍ ଅଭିନେତା ଉତ୍କର୍ଷ ଶର୍ମା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବଲିଉଡ୍ ଅଭିନେତା ଉତ୍କର୍ଷ ଶର୍ମା ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି । କିସ୍‌ର ୪୦ ହଜାର ପିଲାଙ୍କ ମଧ୍ୟରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ବନବାସ'ର ପ୍ରଚାର ପାଇଁ ସେ ମୁମ୍ବାଇରୁ କିସ୍ ଆସିଥିଲେ । ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ 'ବନବାସ' । ଉତ୍କର୍ଷଙ୍କ ପିତା ତଥା ବିଶିଷ୍ଟ ବଲିଉଡ୍ ନିର୍ଦ୍ଦେଶକ ଓ ନିର୍ମାତା ଅନୀଲ ଶର୍ମା କିସ୍ ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ବିଷୟରେ ଶୁଣିଥିଲେ । ତେଣୁ ସେ ମୁମ୍ବାଇ ଛାଡ଼ି କିସ୍ ପିଲାଙ୍କ ସହ ଚଳଚ୍ଚିତ୍ର 'ବନବାସ'ର ପ୍ରଚାର ପାଇଁ ଉତ୍କର୍ଷଙ୍କୁ କିସ୍ ପଠାଇଥିଲେ । ଉତ୍କର୍ଷଙ୍କ ସହ ତାଙ୍କ ମାଆ ଓ ଭଉଣୀ ମଧ୍ୟ କିସ୍ ଆସିଥିଲେ। ମଙ୍ଗଳବାର ସକାଳେ ସେମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଅପରାହ୍ନରେ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିଥିଲେ । କିସ୍ କ୍ୟାମ୍ପସ ଦେଖି ସେ ଅଭିଭୂତ ହୋଇ କହିଥିଲେ, ମୁଁ

ଦେଶ ଓ ବିଦେଶର ଅନେକ ସ୍ଥାନ ବୁଲିଛି । କିନ୍ତୁ କିସ୍ ଭଳି ସ୍ଥାନ କେଉଁଠି ଦେଖିନାହିଁ । ଏଠାରେ ପିଲାଙ୍କ ରହିଥିବା ଭିତ୍ତିଭୂମି ବିଶ୍ୱସ୍ତରୀୟ । କାରଣ ମୁଁ ମୁମ୍ବାଇ ଓ ଆମେରିକାରେ ପାଠ ପଢ଼ିଥିଲେ ମଧ୍ୟ ସେଠାରେ ଯେଉଁ ଭିତ୍ତିଭୂମି ରହିଛି ତା'ଠାରୁ ଏଠାରେ ଅତି ଉନ୍ନତ ଭିତ୍ତିଭୂମି ରହିଛି । ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ପ୍ରତିଭା ଓ ଦକ୍ଷତା ବିକାଶ ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା ରହିଛି । ଏହାର ସଦୁପଯୋଗ ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଡ. ସାମନ୍ତଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ସେ କହିଲେ, ଦେଶର ଅନେକ ସମାଜ ପାଇଁ ଅନେକ କିଛି କରିଛନ୍ତି । କିନ୍ତୁ ଡ. ଅଚ୍ୟୁତ ସାମନ୍ତ ଯାହା କରୁଛନ୍ତି ତାହା କଳ୍ପନାର ବାହାରେ । ଏଠାରେ ୪୦ ହଜାର ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବାନ ବିରାଜମାନ କରୁଥିବା ମୁଁ ଦେଖିପାରୁଛି। ସେମାନଙ୍କ ଶୁଭେଚ୍ଛା ଓ ଭଲ ପାଇବା ମୋତେ ଅଭିଭୂତ କରିଛି ବୋଲି ସେ କହିଥିଲେ । ପରେ ସେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ କିଛି ସମୟ ଅତିବାହିତ କରିଥିଲେ । ନିଜ ଚଳଚ୍ଚିତ୍ର ଉପରେ ସେ କହିଲେ, ଏହି ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପାରିବାରିକ ଓ ମନୋରଞ୍ଜନ ଧର୍ମୀ । ସନ୍ତାନଙ୍କ ଲାଳନ ପାଳନ କରିବା ପିତାମାତଙ୍କ କର୍ମ ହୋଇଥିବା ବେଳେ ପିତାମାତାଙ୍କୁ ସମ୍ମାନ କରିବା ଓ ପରବର୍ତ୍ତୀ ସମୟରେ ସେମାନଙ୍କ ଯତ୍ନ ନେବା ହେଉଛି ପିଲାଙ୍କ ଧର୍ମ ବୋଲି ସେ କହିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗରେ ପାଳିତ ହେଲା ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ

ଇନ୍ଦିରା ଗାନ୍ଧୀ ଥିଲେ ଜଣେ ବିଶ୍ୱବିଦିତା ଅନନ୍ୟା ନାରୀନେତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ତଥା ସ୍ତମ୍ଭକାର ଡ଼ ଅଭିରାମ ବିଶ୍ୱାଳ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ଜୀବନୀ ଓ ବ୍ୟକ୍ତିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱକୁ ସେ ହୀରା ସହ ତୁଳନା କରିବା ସହ ଦେଶର ବିଭିନ୍ନ ବିକାଶମୂଳକ ଓ ଗଠନମୂଳକ ପଦକ୍ଷେପ ଗ୍ରହଣ କରି ଇନ୍ଦିରା ଗାନ୍ଧୀ ଅନେକ ପରିବର୍ତ୍ତନ ଆଣିପାରିଥିବା ନେଇ ମୁଖ୍ୟବକ୍ତା ସୂଚନା ଦେଇଛନ୍ତି। ଭାରତବର୍ଷ ସମେତ ସମଗ୍ର ପୃଥିବୀରେ ଇନ୍ଦିରା ଗାନ୍ଧୀ ଜଣେ ଅନନ୍ୟା ନାରୀନେତ୍ରୀ ଭାବେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଥିଲେ । ଆଜି ଭାରତ ବର୍ଷ ୧୯୭୧ ଯୁଦ୍ଧର ବିଜୟକୁ ନେଇ ଗର୍ବିତ ଅନୁଭବ କରୁଛି, ଏହାର ସମସ୍ତ ଶ୍ରେୟ ସେହି ସାହାସୀ, ଶକ୍ତିଶାଳୀ, ଦୃଢମନା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସକାଶେ ସମ୍ଭବ ହୋଇ ପାରିଥିବା ମତ ପ୍ରକାଶ କରିଛନ୍ତି ମୁଖ୍ୟବକ୍ତା ଡ଼ ଅଭିରାମ ବିଶ୍ୱାଳ । ସମାଜର ବିଭିନ୍ନ ବର୍ଗ ଯଥା- ମହିଳା, ଶିଶୁ, ଜନଜାତି, ଗରିବ, ସଂଖ୍ୟାଲଘୁ ସମସ୍ତଙ୍କ ସାମଗ୍ରିକ ବିକାଶ ଏବଂ ଉନ୍ନତିକୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ପ୍ରାଧାନ୍ୟ ଦେଉଥିଲେ ବୋଲି ମୁଖ୍ୟବକ୍ତା ସୂଚନା ଦେଇଛନ୍ତି । ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସରୋଜ କୁମାର ସାମଲ ଯୋଗଦେଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କୁ ରାଜନୈତିକ ନୁହେଁ ରାଷ୍ଟ୍ରନୀତିଜ୍ଞ ଭାବେ ସମ୍ବୋଧନ କରିଥିଲେ । ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ଫଳରେ ଭାରତବର୍ଷରେ ସବୁଜ ବିପ୍ଳବ ସମ୍ଭବ ହୋଇଥିବାବେଳେ ଶସ୍ୟ ଉତ୍ପାଦନରେ ଭାରତବର୍ଷ ସ୍ୱାବଲମ୍ବୀ ହୋଇପାରିଥିବା ନେଇ ସେ ସୂଚନା ଦେଇଛନ୍ତି । ଇନ୍ଦିରା ଗାନ୍ଧୀ ଇତିହାସକୁ ନିଜେ ସୃଷ୍ଟି କରିଛନ୍ତି ବୋଲି କହିବା ସହ ୬୦ ଦଶକରେ ଭାରତବର୍ଷର ବିକାଶ ଓ ପ୍ରଗତିରେ ଲୌହମାନବୀଙ୍କ ଭାଗୀଦାରିକୁ ଶ୍ରୀଯୁକ୍ତ ସାମଲ ପ୍ରଶଂସା କରିଛନ୍ତି । ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଅମିୟ କୁମାର ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଜୟନ୍ତୀ ପାଳନରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୟାସକୁ ପ୍ରଶଂସା କରିଛନ୍ତି । ଜାତିର ସଂହତି, ଏକତା, ଅଖଣ୍ଡତା ରକ୍ଷାକୁ ନେଇ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ବିଷୟରେ ସେ ଆଲୋଚନା କରିଥିଲେ । ଆଜିର ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡିକୁ ଶେଷ କରିବା ଆମର ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ

ନିମାପଡା , ନ୍ୟୁଜ ବ୍ୟୁରୋ

ନିମାପଡା ବ୍ଲକ କନଫରେନ୍ସ ହଲରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟିର ତ୍ରୈମାସିକ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସମୀକ୍ଷା କରିବା ସହ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକ ପାଇଁ ଯୋଜନା ପ୍ରସ୍ତୁତି ଉପରେ ବିଶେଷ ଧ୍ୟାନ ଦେଇଥିଲେ । ବିଭିନ୍ନ ପ୍ରକଳ୍ପ ପାଇଁ ବରାଦ ହୋଇଥିବା ଦେୟର ଖର୍ଚ୍ଚର ସ୍ଥିତି ସମୀକ୍ଷା କରି କିପରି ଶତପ୍ରତିଶତ ଅର୍ଥ ଖର୍ଚ୍ଚ ହେବ ଏବଂ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହେବ ତାହା ଉପରେ ଉପ- ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ । ଆମ ସରକାର ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡିକୁ ଶେଷ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ତେଣୁ ବିକାଶମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ।

ଦେବଗଡ଼ ଧୋବଲିପଥର ଠାରେ ସ୍ଥାପନ ହେବ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର

ଧୋବଲିପଥର, ନ୍ୟୁଜ ବ୍ୟୁରୋ

କୃଷି ପ୍ରଧାନ ଜିଲ୍ଲା ଦେବଗଡ଼ରେ ପାରମ୍ପରିକ ଚାଷ ସହ ଦୁଗ୍ଧ ଚାଷ, ମତ୍ସ୍ୟ ଚାଷ ଓ ପଶୁପାଳନର ଅନେକ ସମ୍ଭାବନା ଅଛି । ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଦେବଗଡକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା କରାଯିବ ବୋଲି ମଙ୍ଗଳବାର ଦେବଗଡ଼ ଧୋବଲିପଥର ଠାରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଏବଂ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ହେଉଛି ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ପୁଣ୍ୟତିଥି । ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସେ ହେଉଛନ୍ତି ଅନ୍ୟତମ କର୍ଣ୍ଣଧାର । ଆଜି ସେଭଳି ଦିନରେ ଦେବଗଡ଼ରେ ଲୋକଙ୍କ ଗମନାଗମନକୁ ଅଧିକ ସୁଗମ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ କରିବା ପାଇଁ ପ୍ରାୟ ୪୩.୫ କୋଟି ଟଙ୍କା ମୂଲ୍ୟର ସଡ଼କ ଓ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ହେବା ଖୁସିର ବିଷୟ । ଦେବଗଡ ହେଉଛି ଏକ କୃଷି ପ୍ରାଧାନ୍ୟ ଜିଲ୍ଲା । ଆଜି ପ୍ରାୟ ୩୨ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଦୈନିକ ୨,୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହା ଦ୍ୱାରା ଦେବଗଡ଼ରେ ପ୍ରତିଦିନ ୧୦,୦୦୦ ଲିଟର ଦୁଗ୍ଧ ଉତ୍ପାଦନ ସଂଗୃହିତ ହୋଇପାରିବ । ଏହି ସବୁ ଦୁଗ୍ଧ ସମ୍ବଲପୁର ଗୋଶାଳାକୁ ଯିବ । ରାଜ୍ୟ ସରକାର ଆଗାମୀ ଦିନରେ ଗୋଶାଳା ଓମଫେଡ ପ୍ଲାଣ୍ଟର ସମ୍ପ୍ରସାରଣ ସହ ସେହି ପ୍ଲାଣ୍ଟରୁ ପାଉଡର କ୍ଷୀର, ଦହି, ଚକୋଲେଟ୍, ପନିର ସମେତ କ୍ଷୀରରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବାର ଯୋଜନା ରଖିଛନ୍ତି । ଓଡ଼ିଶା ସରକାରଙ୍କ ଦ୍ୱାରା ସବୁ ପଞ୍ଚାୟତରେ ଦୁଗ୍ଧ ସମବାୟ ସମିତି ଗଠନ ହେବ । ଦୁଗ୍ଧ ଚାଷୀମାନଙ୍କ ପଇସା ସିଧାସଳଖ ବ୍ୟାଙ୍କ୍ ଖାତାକୁ ଡିବିଟି ମାଧ୍ୟମରେ ଆସିବ । ଏହା ଦ୍ୱାରା ଦେବଗଡ ସମେତ ସମ୍ବଲପୁର ଓ ଆଖପାଖ ଅଞ୍ଚଳର ଚାଷୀଙ୍କ ଆୟ ଦୁଇଗୁଣିତ ହେବ । ଆଜିର ପଦକ୍ଷେପ ଦେବଗଡ଼ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ସହ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମ୍ବଳକୁ ସଶକ୍ତ କରିବ ବୋଲି ସେ କହିଛନ୍ତି । ଯେବେ ଯେବେ ଦିଲ୍ଲୀରେ ବିଜେପି ସରକାର ହୋଇଛି ସେହି ସମୟର ଦେବଗଡ଼ ଜିଲ୍ଲାର ବିକାଶ ହୋଇଛି । ଦେବଗଡ଼ରେ ଅଣ୍ଡର୍ ପାସ୍ ନିର୍ମାଣ କାର୍ଯ୍ୟ ନେଇ ସ୍ଥାନୀୟ ଲୋକଙ୍କର ଯେଉଁ ଦାବି ରହିଛି, ସେ ବିଷୟରେ ଏନଏଚଏଆଇ ଅଧିକାରୀ ମାନଙ୍କ ସହିତ ଆଲୋଚନା କରାଯିବ । ଦେବଗଡ ଜିଲ୍ଲାକୁ କୃଷି ଆଧାରିତ ଅର୍ଥନୀତି ଜିଲ୍ଲାରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା କରାଯିବ । ଏଠାରେ ଆମ୍ବ, ପଣସ, ତରୁଭୁଜ, ପୋଟଳ, ବାଇଗଣ, ବିଲାତି ବାଇଗଣ, ଫୁଲଚାଷ, ଲେମ୍ବୁର ଉତ୍ପାଦନ ବୃଦ୍ଧି ପାଇବ । ପର୍ଯ୍ୟଟନ, କ୍ରୀଡ଼ା କ୍ଷେତ୍ର ସହ ବୌଦ୍ଧିକ କ୍ଷମତା ସମ୍ପନ୍ନ ଦେବଗଡ଼ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତ କରିବା ପାଇ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ । ଶ୍ରୀ ପ୍ରଧାନ ଅଭିଭାଷଣରେ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ଯଥା ସୁଭଦ୍ରା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ସ୍କୁଲରେ ଡ୍ରପ୍ ଆଉଟ ରୋକିବାକୁ 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା ସହ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ହେବା ଉପରେ ଆଲୋକପାତ କରିଥିଲେ ।

ଉଲ୍ଲେଖନୀୟ ଯେ, ଆଜିର କାର୍ଯ୍ୟକ୍ରମରେ ଦେବଗଡ଼ରେ ୪.୫୧ କୋଟି ଟଙ୍କା ବ୍ୟୟରେ ତାବଡାରୁ ବିଜବେରୀଣି ରାସ୍ତା ଓ ପ୍ରାୟ ୩ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ଜାମୁପଦରୁ ସିରିଗିଡ଼ା ରାସ୍ତାର ଶୁଭାରମ୍ଭ ହୋଇଛି । ଏହାବ୍ୟତୀତ ୨ କୋଟି ବ୍ୟୟରେ ଡିପିଆରସି ଭବନ, ପ୍ରାୟ ୨୦ କୋଟି ବ୍ୟୟରେ ଟିକିରାପୋଷୀ ନଦୀ ଉପରେ ବ୍ରୀଜ ନିର୍ମାଣ, ପ୍ରାୟ ୧୦ କୋଟି ବ୍ୟୟରେ ପିଏସ ରୋଡରୁ ବାଲିଡିହି ରାସ୍ତା କାମ, ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ପିତବୁଡିରୁ ସିଆରିହୁଲି ରାସ୍ତା କାମ ଓ ପ୍ରାୟ ୭ କୋଟି ବ୍ୟୟରେ ରୁଗୁଡାକୁଦରରୁ କଲାଡୁ ରାସ୍ତା କାମର ଶିଳାନ୍ୟାସ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଗୋସେବା ସହ ମା' ପାଇଁ ଗଛଟିଏ' ଅଭିଯାନରେ ବୃକ୍ଷରୋପଣ କରିଥିଲେ । ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗ୍ରାମୀଣ ବିକାଶ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଓ ଦେବଗଡ଼ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପ୍ରଦୂଷଣକୁ ନେଇ...

ମାନ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଆସିଥିଲେ ମଧ୍ୟ ସରକାର ଏହାର ପ୍ରତିକାର ପାଇଁ କଠୋର ପଦକ୍ଷେପ ନେବାରେ ବିଳମ୍ବ କରିଥିବାରୁ ଜଷ୍ଟିସ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ ଜର୍ଜ ମସିହଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଆର୍‌ଏପିର ବିଭିନ୍ନ ପର୍ଯ୍ୟାୟ ଲାଗୁ କରିବାରେ ବିଳମ୍ବ କଣ ପାଇଁ ହେଲା ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ଙ୍କୁ ପ୍ରଶ୍ନ କରିଛନ୍ତି। ସୋମବାରଠାରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥିବା ଦିଲ୍ଲୀ ସରକାରଙ୍କ ଓକିଲ କହିବାରୁ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ପହଞ୍ଚିବା ମାତ୍ରେ ଏହା ଲାଗୁ କରାଯିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଥିଲେ । ଏକ୍ୟୁଆଇ ୩୦୦ରୁ ୪୦୦ ମଧ୍ୟରେ ପହଞ୍ଚିବା ପରେ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟ ଲାଗୁ କରାଯିବା କଥା। ପ୍ରଦୂଷଣ ରୋକିବା ପାଇଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଜରିଆରେ ୨୨ ତାରିଖ ସୁଦ୍ଧା ଜଣାଇବା ପାଇଁ ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ଏନସିଆର ରାଜ୍ୟଗୁଡ଼ିକୁ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଆର୍‌ଏପି ପ୍ରଥମେ ୨୦୧୭ରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଲାଗୁ ହୋଇଥିଲା। ବାୟୁ ଗୁଣବତ୍ତା ଅନୁଯାୟୀ ଏହାର ବିଭିନ୍ନ ପର୍ଯ୍ୟାୟ ଲାଗୁ କରାଯାଇଥାଏ। ଏକ୍ୟୁଆଇ ୨୦୧୨ରୁ ୩୦୦ ମଧ୍ୟରେ ରହିଲେ ଜିଆର୍‌ଏପିର ପ୍ରଥମ ପର୍ଯ୍ୟାୟ ଲାଗୁ ହେଉଥିବାବେଳେ ଏହି ସ୍ତର ୩୦୧ରୁ ୪୦୦ ରହିଲେ ଦ୍ୱିତୀୟ ପର୍ଯ୍ୟାୟ, ୪୦୧ରୁ ୪୫୦ ରହିଲେ ତୃତୀୟ ପର୍ଯ୍ୟାୟ ଏବଂ ୪୫୦ ଟପିଲେ ଚତୁର୍ଥ ପର୍

ସମ୍ବାଦ କଳିକା
ଓଡ଼ିଶା ପକ୍ଷ
ଭୁବନେଶ୍ୱର
୨୦ ନଭେମ୍ବର
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/25-27

ଜଗା ଜମି ଜାଲିଆତି: ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

ପୁରୀ, ୧୯/୧୧ ନ୍ୟୁଜ ବ୍ୟୁରୋ
ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାଟିତୋଟା ମୌଜାରେ ଜମି କେଳେଙ୍କାରୀ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଯେଉଁମାନେ ଶ୍ରୀମନ୍ଦିର ଜମି ଅକ୍ତିଆର ବା ଏହି ଜମିରେ କୋଠା ନିର୍ମାଣ କରିଛନ୍ତି, ତାକୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଳି ସାହି ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି । ମାଟିତୋଟା ମୌଜାର ୟୁନିଟ ୧ ଖାତା ନମ୍ବର ୩୮ରେ ୧୦୯ଟି ରେଭିନ୍ୟୁ ପ୍ଲଟ ବେଆଇନ ଭାବେ ଜବରଦଖଲ ସହ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ନେଇ ବାସେଳି ସାହି ଥାନାରେ ଏତଲା ଦିଆଯାଇଛି । କେଉଁମାନେ ଜମି କିଣିଛନ୍ତି, କିଏ ଘର ନିର୍ମାଣ କରିଛନ୍ତି, ସେନେଇ ତଦନ୍ତ କରାଯାଉଛି । ନିର୍ମାଣ ହୋଇଥିବା ଘର ଉଚ୍ଛେଦ କରାଯିବ ବୋଲି ପୁରୀ ଜିଲ୍ଲାପାଳ କହିଛନ୍ତି । ପ୍ରକାଶ ଥାଉ କି, ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ନାକ ତଳେ ପୁରୀ ମାଟିତୋଟା ମୌଜାରେ ମହାପ୍ରଭୁଙ୍କ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ସୂଚନା ମିଳିଥିଲା । ଯେଉଁଠି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ୧୦୯ଟି ପ୍ଲଟର ମୋଟ୍ ୬୪ ଏକର ଜବରଦଖଲ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲା ଶ୍ରୀମନ୍ଦିର ପ୍ରଶାସନ । ଘଟଣା ସାମ୍ନାକୁ ଆସିବା ପରେ ସେବାୟତ ଏବଂ ପୁରୀବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଶ୍ରୀମନ୍ଦିର ଭିଡ଼ ନିୟନ୍ତ୍ରଣ ଯୋଜନା: ୩ ଦ୍ୱାର ଓ କୀର୍ତ୍ତନ ଚକଡ଼ାରେ ଲାଗିବ ଏଲ୍‌ଇଡି ଡିସ୍‌ପ୍ଲେ

ପୁରୀ,୧୯/୧୧ ନ୍ୟୁଜ ବ୍ୟୁରୋ
ଶ୍ରୀମନ୍ଦିର ୩ ଦ୍ୱାର ଆଗ ଓ କୀର୍ତ୍ତନ ଚକଡ଼ାରେ ଶ୍ରଦ୍ଧାଳୁଙ୍କୁ ମିଳିବ ବଡ଼ଦେଉଳ ଭିତରେ ଚାଲିଥିବା ମହାପ୍ରଭୁଙ୍କ ନୀତିକାନ୍ତିର ତତ୍କାଳ ସୂଚନା । ଶ୍ରୀମନ୍ଦିର ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାର ଆଗରେ ଏଲ୍‌ଇଡି ଡିସ୍‌ପ୍ଲେ ଲଗାଯାଇ ମହାପ୍ରଭୁଙ୍କ ନୀତିର ସୂଚନା ଦିଆଯିବ । ଏଲ୍‌ଇଡି ଡିସପ୍ଲେ ଲଗାଇବାରେ ଶ୍ରୀମନ୍ଦିର ପ୍ରଶାସନ ପ୍ରାୟ ୫୦ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ ଅଟକଳ କରି ପଦକ୍ଷେପ ଆରମ୍ଭ କରିଛି । ଏଲ୍‌ଇଡି ଡିସପ୍ଲେ ଲାଗିବା ଫଳରେ ଶ୍ରଦ୍ଧାଳୁମାନେ ଦର୍ଶନ ବନ୍ଦ ସମୟରେ ଶ୍ରୀମନ୍ଦିରକୁ ଯାଇ ଅପେକ୍ଷା କରିବା ଜନିତ କଷ୍ଟ ଭୋଗିବେ ନାହିଁ । ଏହା ମଧ୍ୟ ଶ୍ରୀମନ୍ଦିର ପରିସରରେ ଭିଡ଼ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଆଶା ରହିଛି । ଶ୍ରୀମନ୍ଦିର ସିଂହଦ୍ୱାରରେ ଏବେ ଏଲ୍‌ଇଡି ଡିସ୍‌ପ୍ଲେ ଲଗାଯାଇ ଶ୍ରୀମନ୍ଦିରରେ ଚାଲିଥିବା ମହାପ୍ରଭୁଙ୍କ ନୀତିକାନ୍ତିର ତତ୍କାଳ ସୂଚନା ଶ୍ରଦ୍ଧାଳୁଙ୍କୁ ଦିଆଯାଉଛି । ଏହି କାର୍ଯ୍ୟ ମାସକ ଭିତରେ ସାରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି ।

ଭୁବନେଶ୍ୱର, ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ସୌଜନ୍ୟମୁଳକ ସାକ୍ଷାତ କରିବା ଅବସରରେ ଜୟପୁର ମ୍ୟୁନିସ୍‌ପାଲିଟି ଅଧ୍ୟକ୍ଷା ଓ କାଉନ୍‌ସିଲରମାନେ । (ଫଟୋ : ସମ୍ବାଦ କଳିକା)

ଭୁବନେଶ୍ୱର : ଗୀତଗୋବିନ୍ଦ ସଦନ ପରିସରରେ ବିଶିଷ୍ଟ ଐତିହାସିକ ତଥା ଗବେଷକ ଡ. ପ୍ରଫୁଲ୍ଲଚନ୍ଦ୍ର ତ୍ରିପାଠୀଙ୍କ ୮୪ତମ ଜନ୍ମତିଥି ପାଳନ ଅବସରରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଲିଖିତ ୨ଟି ପୁସ୍ତକ 'କଥା ସୌରଭ' ଏବଂ 'ମହାତ୍ମା ଉଦ୍ଧବ'କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ଡ. ସୌମ୍ୟରଞ୍ଜନ ପଟ୍ଟନାୟକ, ଆଧ୍ୟାତ୍ମିକ ସାଧକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସାରସ୍ୱତ ସାଧକ ପ୍ରାଚାର୍ଯ୍ୟ ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର), ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ଡ. ଅଜିତ୍ କୁମାର ତ୍ରିପାଠୀ, ପ୍ରାକ୍ତନ ମନ୍ତ୍ରୀ ଡ. ଅରବିନ୍ଦ ଜାଲି, ପ୍ରାଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସଂସ୍କୃତି ପୁରୁଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପ୍ରଖ୍ୟାତ ଭାଷାବିତ୍ ତଥା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ମନୋରଞ୍ଜନ ପାଣିଗ୍ରାହୀ ଏବଂ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)

ଡବଲ ଇଂଜିନ ସରକାର ବାଲିଯାତ୍ରାକୁ ଜାତୀୟ ଉତ୍ସବ ମାନ୍ୟତା ଦିଅନ୍ତୁ: ବିଜେଡି

ଭୁବେନଶ୍ୱର, ୧୯/୧୧ ନ୍ୟୁଜ ବ୍ୟୁରୋ
ଏବର୍ଷର କଟକ ବାଲିଯାତ୍ରା କାର୍ଯ୍ୟକ୍ରମର ପରିଚାଳନାରେ ହୋଇଥିବା ଅନେକ ବିଭ୍ରାଟକୁ ନେଇ ମଙ୍ଗଳବାର ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି । ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଓ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଥିଲେ, ଐତିହ୍ୟ ସହର କଟକରେ ଚଳିତବର୍ଷ ହେଉଥିବା ଐତିହାସିକ ବାଲିଯାତ୍ରା ପରିଚାଳନାରେ ଅନେକ ତ୍ରୁଟି ଦେଖିବାକୁ ମିଳିଛି, ଯାହା ବାଲିଯାତ୍ରାର ଗୌରବକୁ କ୍ଷୁର୍ଣ୍ଣ କରୁଛି । ବାଲିଯାତ୍ରା ଆୟୋଜନ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ତେଣୁ ଖାମଖିଆଲି ଭାବେ ଏହାକୁ ଆୟୋଜନ କରି ଏହି ପ୍ରକାରର ତ୍ରୁଟି ହେବା ନିଶ୍ଚିତ ଭାବେ ଅକ୍ଷମଣୀୟ ବୋଲି ଡଃ ମହାନ୍ତି କହିଥିଲେ । ସେ କହିଥିଲେ, ଚଳିତ ବର୍ଷ ବାଲିଯାତ୍ରାରେ ୧୪ଟି ଦେଶର ପ୍ରତିନିଧି ଯୋଗ ଦେବେ ଓ ଏହା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଏକ ପରିଚୟ ମିଳିବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା । କିନ୍ତୁ ଡବଲ ଇଂଜିନ ଡବଲ ବିକାଶର ନାରା ଦେଇ ଆସିଥିବା ବିଜେପି ସରକାର ବାଲିଯାତ୍ରାକୁ

ଏକ ଜାତୀୟ ଉତ୍ସବର ମାନ୍ୟତା ଦେଇଥିଲେ ତାହା ଏକ ଉଚିତ ପଦକ୍ଷେପ ହୋଇଥାନ୍ତା । କୁମ୍ଭମେଳାକୁ ଜାତୀୟ ଉତ୍ସବର ମାନ୍ୟତା ମିଳିଛି ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥାଏ । ବାଲିଯାତ୍ରାକୁ ଜାତୀୟ ଉତ୍ସବ ଘୋଷଣା ହେଲେ, ଏହାର ଆୟୋଜନ ପାଇଁ କେନ୍ଦ୍ରରୁ ଆର୍ଥିକ ଅନୁଦାନ ମିଳିପାରିବ । ତେଣୁ ବାଲିଯାତ୍ରାକୁ ଜାତୀୟ ଉତ୍ସବ ମାନ୍ୟତା ପ୍ରଦାନ କରିବା ପାଇଁ ଆମେ ଦାବି କରୁଛୁ ବୋଲି ଡଃ ମହାନ୍ତି କହିଥିଲେ ।
ସେ କହିଥିଲେ, ଗୋଟିଏ ପଟେ ବାଲିଯାତ୍ରାକୁ ଅନ୍ତର୍ଜାତୀୟ ପ୍ରତିଷ୍ଠା ହାସଲ କଥା ଆମେ କହୁଛେ କିନ୍ତୁ ଆମେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ପାଇଁ ବ୍ୟାଟେରୀ ଗାଡି ଯୋଗାଡ଼ କରିବାରେ ସକ୍ଷମ ହୋଇ ପାରୁନାହେଁ । ରାଜ୍ୟର ଏକ ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଉପଯୁକ୍ତ ସମ୍ମାନ ଦିଆନଯାଇ ପାରିବା ଏକ ଲଜ୍ଜାଜନକ ବିଷୟ । ଆମେ ଜାଣିବାକୁ ପାଇଛୁ ଯେ ବାଲିଯାତ୍ରାର ଉଦ୍‌ଘାଟନ କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନାଁ ନଥିଲା, ଯାହା ଏକ ବିଡ଼ମ୍ବନା ।
ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ଦିନ ରାତି ବାରଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତା'ପରଦିନ ଓଡ଼ିଶାର ପ୍ରତିଷ୍ଠିତ କଳାକାର ଅସୀମା ପଣ୍ଡାଙ୍କୁ ରାତି ଦଶ ବାଜିଗଲା ବୋଲି ତାଙ୍କୁ ମଞ୍ଚ ଉପରୁ ପୁଲିସ ଦ୍ୱାରା ତାଗିଦ କରି ଓହ୍ଲାଇ ଦିଆ ଯାଇଥିଲା । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ତେଣୁ ବାଲିଯାତ୍ରା କାର୍ଯ୍ୟକ୍ରମକୁ ରାତି ୧୨ଟା ପର୍ଯ୍ୟନ୍ତ ହେବାକୁ ସରକାର ଅନୁମତି ଦିଅନ୍ତୁ ବୋଲି ଆମେ ଦାବି କରୁଛୁ ।
ବାଲିଯାତ୍ରା ଐତିହାସିକ କଟକ ସହରରେ ଅନୁଷ୍ଠିତ ହେଉଥିବାରୁ ପ୍ରତିବର୍ଷ କଟକର ମେୟର ଉଦ୍‌ଘାଟନ ଉତ୍ସବରେ ସ୍ୱାଗତ ଭାଷଣ ଦେଇଥାନ୍ତି । କିନ୍ତୁ ଏବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ମେୟରଙ୍କ ସ୍ଥାନରେ କେଉଁ ପରିପ୍ରେକ୍ଷୀରେ କଟକ ସଦର ବିଧାୟକ ସ୍ୱାଗତ ଭାଷଣ ଦେବାକୁ ଦିଆଗଲା, ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ତା'ଛଡ଼ା କଟକ ସଦର ବିଧାୟକଙ୍କ ଦ୍ୱାରା ଇଂରାଜୀରେ ଦିଆଯାଇଥିବା ସ୍ୱାଗତ ଭାଷଣ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଓଡ଼ିଆ ଅସ୍ମିତାର ନାରା ଦେଇ ଆସିଥିବା ସରକାର କେଉଁ ପ୍ରକାରର ଓଡ଼ିଆ ଅସ୍ମିତାର ରକ୍ଷାକର୍ତ୍ତା ସାଜିଛି, ତାହା ଓଡ଼ିଶାବାସୀ ଭଲ ଭାବେ ବୁଝିଲେଣି । ଶ୍ରୀମତୀ ଇପ୍ସିତା ସାହୁ କହିଥିଲେ, ବାଲିଯାତ୍ରାରେ ଜଣେ ଯୁବକଙ୍କ ବିଦ୍ୟୁତ ଆଘାତ ପାଇ ମୃତ୍ୟୁ ହେବା ବାଲିଯାତ୍ରାକୁ ଆସୁଥିବା ଲୋକମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ସରକାର ସମସ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ମୃତ ଯୁବକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଆମେ ଦାବି କରୁଛୁ ବୋଲି ସେ କହିଥିଲେ ।

ବାରମ୍ବାର ହାତୀ ମୃତ୍ୟୁ ନେଇ ଜବାବ ରଖିବେ ରାଜ୍ୟ ସରକାର : ହାଇକୋର୍ଟ

କଟକ ୧୯/୧୧ ନ୍ୟୁଜ ବ୍ୟୁରୋ
ସମ୍ବଲପୁର ନାକଟିଦେଉଳ ରେଞ୍ଜ ବୁରମାଲ ଜଙ୍ଗଲରେ ୩ ହାତୀଙ୍କ ଅପମୃତ୍ୟୁ ଘଟଣାରେ ନିଜ ଆଡୁ ମାମଲା ଦାୟର କରିଛନ୍ତି ହାଇକୋର୍ଟ । ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । କାର୍ଯ୍ୟରେ ଅବହେଳା ଅଭିଯୋଗରେ ୩ କ୍ଷେତ୍ର ବନ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି । ଏଥିସହ ୨ ବନ



ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିସ କରିଛି ବନ ବିଭାଗ । ଅନ୍ୟପଟେ ବିଦ୍ୟୁତ ତାର ବିଛାଇ ବାରହା ଶିକାର କରିବା ଅଭିଯୋଗରେ ଚିହ୍ନଟ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସୋମବାର ସମ୍ବଲପୁର ବୁରମାଲ ଜଙ୍ଗଲରେ ୨ଟି ବଡ ହାତୀ ଓ ଗୋଟିଏ ଛୁଆ ହାତୀର ମୃତ୍ୟୁ ହୋଇଥିଲା । ବନବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ୩ ହାତୀଙ୍କ ଜୀବନ ଯାଇଥିବା ସ୍ପଷ୍ଟ କରିଥିଲେ ପିସିସିଏଫ୍ ସୁଶାନ୍ତ ନନ୍ଦ । ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଥିଲେ । ହାତୀ ମୃତ୍ୟୁର ତଦନ୍ତ ପାଇଁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଥିଲେ ।

ଜେଲ୍‌ରୁ ଏମ୍‌ଏ ପଢିବେ କୁଖ୍ୟାତ ମାଓନେତା ସବ୍ୟସାଚୀ ପଣ୍ଡା

ଭୁବନେଶ୍ୱର, ୧୯/୧୧ ନ୍ୟୁଜ ବ୍ୟୁରୋ
ଜେଲରେ ରହି ଏମ୍‌ଏ ପଢିବେ କୁଖ୍ୟାତ ମାଓନେତା ସବ୍ୟସାଚୀ ପଣ୍ଡା । ଦୁଇ ଦଶନ୍ଧି ଧରି ପୁଲିସ ଓ ପ୍ରଶାସନର ନିଦ ହଜାଇ ଦେଇଥିବା ଏହି ଟପ୍ ମାଓନେତାଙ୍କର ଏବେ ପାଠ ପଢ଼ାରେ ବେଶ୍ ଆଗ୍ରହ । ଜେଲ୍ ଭିତରେ ଅଧିକ ସମୟ କାଟୁଛନ୍ତି ପାଠପଢାରେ । ୨୦୨୨ରେ ହ୍ୟୁମାନିଟିରେ ଇଗ୍‌ନୋରୁ ଡିଗ୍ରୀ ହାସଲ କରିଥିବା ସବ୍ୟସାଚୀ ପଣ୍ଡା ଏବେ ପିଜି କରିବେ । ନୟାଗଡ଼ ରଣପୁରର ତିନି ତିନିଥରର ସିପିଆଇ(ଏମ୍) ବିଧାୟକ ରମେଶ ପଣ୍ଡାଙ୍କ ପୁଅ ତଥା କୁଖ୍ୟାତ ମାଓବାଦୀ ହେଉଛନ୍ତି ସବ୍ୟସାଚୀ ପଣ୍ଡା । ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସରକାରୀ କଲେଜରୁ ପୂର୍ବରୁ ଗଣିତରେ ଡିଗ୍ରୀ ହାସଲ କରିଛନ୍ତି । ଏବେ ଜେଲରେ ଥାଇ ମନ ବଳାଇଛନ୍ତି ଉଚ୍ଚଶିକ୍ଷା ହାସଲ କରିବାକୁ । ଓଡ଼ିଶା ଷ୍ଟେଟ୍ ଓପନ ୟୁନିଭର୍ସିଟିରୁ ପରିଲ୍କ୍ ଆଡମିନିଷ୍ଟ୍ରେସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବାକୁ ପାଠ ପଢୁଛନ୍ତି ସବ୍ୟସାଚୀ । ତାଙ୍କ ସହ ମୋଟ ୪ ଜଣ କଏଦୀ ଏବଂ ଦୁଇ ଜଣ ବିଚାରାଧୀନ ବନ୍ଦୀ ଦେବେ ପରୀକ୍ଷା । ଏଥିପାଇଁ ସେମାନଙ୍କୁ ଜେଲ୍ ପକ୍ଷରୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି । ସମସ୍ତଙ୍କୁ ଜେଲ୍ ପକ୍ଷରୁ ଷ୍ଟଡି ମାଟେରିଆଲ ଯୋଗାଇ ଦିଆଯାଉଛି । ଜେଲ୍ ଶିକ୍ଷକ ବି ସେମାନଙ୍କୁ ପଢିବାରେ ସହଯୋଗ କରୁଛନ୍ତି । ସବ୍ୟସାଚୀ ପଣ୍ଡା ଓରଫ ସୁନୀଲ ଦିନେ ଥିଲେ ଓଡ଼ିଶା ମାଓବାଦୀ ପାର୍ଟିର ମୁଖ୍ୟ । ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ସାଜିଥିବା ସବ୍ୟସାଚୀଙ୍କ ମୁଣ୍ଡରେ ଥିଲା ୫ ଲକ୍ଷ ଟଙ୍କାର ପୁରସ୍କାର । ୧୮ ଜୁଲାଇ ୨୦୧୪ରେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରୁ ଗିରଫ ହୋଇଥିଲେ ସବ୍ୟସାଚୀ । ସେବେଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଆଜୀବନ ସଜା କାଟୁଛନ୍ତି । ସବ୍ୟସାଚୀଙ୍କ ନାଁରେ ୧୩୦ରୁ ଅଧିକ ମାଓ ହିଂସା ସହ ଜଡିତ ମାମଲା ରହିଛି । ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଏବଂ ନୟାଗଡ଼ ଜିଲ୍ଲାରେ ରହିଛି ଏକାଧିକ ଜଘନ୍ୟ ମାମଲା । ତେବେ ସବୁଠାରୁ ଅଧିକ ଚର୍ଚ୍ଚିତ ରହିଛି ନୟାଗଡ଼ରେ ନକ୍ସଲ ଆକ୍ରମଣ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ । ୨୦୦୮ରେ ନୟାଗଡ଼ ସହରରେ ଥିବା ଜିଲ୍ଲା ଅସ୍ତ୍ରାଗାର ଏବଂ ପୁଲିସ୍ ଟ୍ରେନିଂ ସ୍କୁଲ୍ ଉପରେ ଆକ୍ରମଣ କରି ସାରା ରାଜ୍ୟକୁ ଦୋହଲାଇ ଦେଇଥିଲେ ସବ୍ୟସାଚୀ । ପରେ କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଓ ପରବର୍ତ୍ତୀ ହିଂସାରେ ମଧ୍ୟ ସେ ସଂପୃକ୍ତ ଥିଲେ । ଏପରିକି ୨୦୧୨ରେ ଇଟାଲୀ ପର୍ଯ୍ୟଟକ ଅପହରଣ ମାମଲାରେ ସାମ୍ନାକୁ ଆସିଥିଲା ସବ୍ୟସାଚୀଙ୍କ ବଡ଼ ଭୂମିକା । ଏବେ ପ୍ରାୟ ୧୦ ବର୍ଷ ହେଲା ସେ ଜେଲରେ ସଜା କାଟୁଛନ୍ତି । ଏଭଳି ସ୍ଥିତିରେ ସବ୍ୟସାଚୀଙ୍କ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ ଅନ୍ୟ କଏଦୀଙ୍କ ପାଇଁ ପ୍ରେରଣା ହେବ ବୋଲି ଆଶା କରାଯାଉଛି ।

ମାଗଣାରେ କିଡ୍‌ନୀ ସମ୍ବନ୍ଧୀୟ ରୋଗର ହେବ ଚିକିତ୍ସା : ଧର୍ମେନ୍ଦ୍ର

ରେଢାଖୋଲ,୧୯/୧୧ ନ୍ୟୁଜ ବ୍ୟୁରୋ
ସମ୍ବଲପୁର ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ 'ନିଃଶୁଳ୍କ ଡାୟାଲିସିସ୍ ସେବା' ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବରୁ ଦେଶରେ ବିଭିନ୍ନ ରାଜ୍ୟର ରାଜଧାନୀ ବା ବଡ ବଡ ସହରରେ ଡାୟାଲିସିସ୍ ସେଣ୍ଟରର ବ୍ୟବସ୍ଥା ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି କାରଣରୁ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ସରକାରୀ ବ୍ୟବସ୍ଥାରେ ଡାୟାଲିସିସ୍ ସେଣ୍ଟର ଖୋଲାଯିବା ସହ ମାଗଣାରେ ଏହି ଚିକିତ୍ସା ସେବା ଯୋଗାଇଦେବାର

ବ୍ୟବସ୍ଥା କରାଯାଉଛି । ଏଣିକି ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଡାୟାଲିସିସ୍ ସେଣ୍ଟର୍ ଉପଲବ୍ଧ ଦ୍ୱାରା ଏହି ସମ୍ବନ୍ଧୀୟ ରୋଗୀଙ୍କୁ ଆଉ ଦୂରଦୂରାନ୍ତର ଯାତ୍ରା କରିବାକୁ ପଡ଼ିବ ନାହିଁ । ଏହି ଠାରେ ହିଁ ମାଗଣାରେ କିଡ୍‌ନୀ ରୋଗର ଚିକିତ୍ସା ସେବା ପାଇବା ସହ ସେମାନେ ବହୁଳ ଖର୍ଚ୍ଚରୁ ବଞ୍ଚିତ ହୋଇପାରିବେ । ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ପ୍ରାୟ ୪ ଲକ୍ଷ ଲୋକମାନେ ଉପକୃତ ହେବେ । ଦେଶରେ ଡାୟାଲିସିସ ଚିକିତ୍ସା ସୁବିଧାକୁ ବ୍ୟାପକ କରିବା ସହ ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ, ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର,୧୯।୧୧ ନ୍ୟୁଜ ବ୍ୟୁରୋ
ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡ ମିଳିଛି । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜେଲରେ ରହିବ ଦୋଷୀ ବିକ୍ରମ ମାହୁନ୍ତ । ଦଣ୍ଡାଦେଶ ଶୁଣାଇଲେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ । ଜେଲଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇ